ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.255 Bhubaneswar Monday, November 29, 2021 ୨୪ତମ ବର୍ଷ ସଂଖ୍ୟା-୨୫୫ ଭୁବନେଶ୍ୱର, ସୋମବାର, ନଭେମ୍ବର ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## କରୋନାର ନୂଆ ଭାରିଏଣ୍ଟକୁ ଭୟ କରନି: ଆଇସିଏମ୍ଆର୍




ନୂଆଦିଲ୍ଲୀ: ସାରା ବିଶ୍ୱକୁ ଡରାଇଲାଣି କରୋନାର ନୂଆ ଭାରିଏଣ୍ଟ 'ଓମିକ୍ରନ୍'। ଏହାକୁ ନେଇ ସମସ୍ତଙ୍କ ମନରେ ପଶିଛି ଛନକା। ବିଭିନ୍ନ ଦେଶଗୁଡିକ ଆଗୁଆ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିସାରଲେଣି। ତେବେ କରୋନାର ଏହି ନୂଆ ଭାରିଏଣ୍ଟକୁ ନେଇ କୌଣସି ଭୟ କରିବା ଉଚିତ ନୁହଁ। ଏଭଳି କିଛି କହିଛି ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ। ଏଥିସହ କରୋନା କଟକଣା ପାଳନ ସହ କରୋନା ଟିକାର ଦ୍ୱିତୀୟ ଡୋଜ ନେବାର ଅବହେଳା ନ କରିବାକୁ ଦେଶବାସୀଙ୍କୁ ଆଇସିଏମଆର ଅପିଲ କରିଛି ।ଆଗୁଆ କରୋନାର ମ୍ୟୁଟାଣ୍ଟ ଭୁତାଣୁ ହୋଇଥିବା ସତ୍ତ୍ୱେ ଓମିକ୍ରନ ଅଧିକ ସଂକ୍ରାମକ ଓ ଘାତକ ସାବ୍ୟସ୍ତ ହେବ ବୋଲି କହିବା ଭୁଲ୍ ହେବ। ଏବେ ଓମିକ୍ରନ ବାବଦରେ ଅଧିକ ଜାଣିବା ପାଇଁ ଲ୍ୟାବ ରିପୋର୍ଟକୁ ଅପେକ୍ଷା କରାଯାଉଛି। ଜିନୋମ ସ୍ୱିକେନସରେ କୋଭିଡର ଏହି ନୂଆ ଭୁତାଣୁରେ ଗଠନମୂଳକ ପରିବର୍ତ୍ତନ ଥିବା ଲ୍ୟାବ ରିପୋର୍ଟରେ ଜଣାପଡିଛି। ତେବେ ଏହାକୁ ଦ୍ରୁତ ସଂକ୍ରାମକ କହି ହେବ ନାହିଁ ବୋଲି ଆଇସିଏମ୍ଆର୍‌ର ମହାମାରୀ ଓ ସଂକ୍ରାମକ ରୋଗ ବିଶେଷଜ୍ଞ ସମୀରନ ପଣ୍ଡା କହିଛନ୍ତି ।ବିଶ୍ୱର ଅନ୍ୟ ରାଷ୍ଟ୍ରରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ବର୍ତ୍ତମାନ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦ୍ୱିତୀୟ ଡୋଜର ଦ୍ରୁତ ଟିକାକରଣ ଜରୁରୀ, ଏପରି ହେଲେ ଦେଶର ସଂଖ୍ୟାଧିକ ଲୋକଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ। କରୋନା ମୁକାବିଲାରେ ଏହା ବଡ ପଦକ୍ଷେପ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ପରେ ବ୍ରିଟେନ, ଜର୍ମାନୀ ଓ ଇଟାଲିରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେବା ବିଶ୍ୱ ପାଇଁ ଚିନ୍ତା ବଢାଇ ଦେଇଛି। ବ୍ରିଟେନ ଓ ଜର୍ମନୀରେ ଦୁଇ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶନିବାର ଇଟାଲିରେ ଜଣେ ଓମିକ୍ରନ ଭାରିଏଣ୍ଟରେ ସଂକ୍ରମିତ ହୋଇଥିବା ମାମଲା ସାମ୍ନାକୁ ଆସିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଭାରିଏଣ୍ଟକୁ 'ଭାରିଏଣ୍ଟ ଅଫ୍ କନ୍‌ସର୍ଣ୍ଣ' ଶ୍ରେଣୀରେ ରଖିବା ପରେ ବିଭିନ୍ନ ଦେଶରେ ସତର୍କ ସୂଚନା ଜାରି କରାଯାଉଛି। ଏପରିକି କିଛି ଦେଶ ଦକ୍ଷିଣ ଆଫ୍ରିକା ଉପରେ ଯାତ୍ରା ପ୍ରତିବନ୍ଧକ ମଧ୍ୟ ଲଗାଇସାରିଲେଣି।

### ଚିନ୍ତା ବଢାଇଲା କରୋନାରୁ ନୂଆ ଭାରିଆଂଟ: ବିଦେଶ ଫେରନ୍ତାଙ୍କ ଉପରେ ନଜର

ଭୁବନେଶ୍ୱର, ୨୮।୧୧(ପି.ଏନ): କରୋନାର ନୂଆ ଭାରିଆଂଟ ଚିହ୍ନଟ ହୋଇଥିବା ଦେଶରୁ ଯେଉଁମାନେ ଆସିବେ ବିମାନବନ୍ଦରରେ ସେମାନଙ୍କର କୋଭିଡ ଟେଷ୍ଟ କରାଯିବ। ଯଦି ପଜିଟିଭ ଆସିଲା, ତାହେଲେ ସେମାନଙ୍କ ସାମ୍ପୁଲକୁ ଜେନମ୍ ସିକୁଏନ୍ସ ପାଇଁ ଆଇଏଲଏସକୁ ପଠାଯିବ। ସେହିପରି ଯେଉଁମାନେ ବିଦେଶରୁ ଫେରିବେ, ସେମାନେ ୧୦ ଦିନ ସଙ୍ଗରୋଧରେ ରହିବେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି, କରୋନାର ନୂଆ ଭାରିଆଂଟ ପାଇଁ ରାଜ୍ୟ ସରକାରଖୁବ ଶୀଘ୍ର ଆଡ଼ଭାଇଜରି ଜାରି କରିବେ । ସମସ୍ତ ଜିଲ୍ଲାପାଳ, ସିଡ଼ିଏମଓ ଓ ମୁନସିପାଲିଟି କମିଶନରଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିଠି ଲେଖିଛି। ସ୍କୁଲ କଲେଜ ହଷ୍ଟେଲରେ ଉପରେ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫୋକସରେ ତିନି 'ଟି' ଟେଷ୍ଟିଂ, ଟ୍ରାକିଂ, ଟ୍ରିଟମେଂଟ ଓ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲ କଲେଜରେ ଏବଂ ହଷ୍ଟେଲରେ ସ୍ୱତନ୍ତ୍ର ସଂଗରୋଧ କେନ୍ଦ୍ର କରିବା ପାଇଁ କୁହାଯାଇଛି। କୋଭିଡ ମାର୍ଗଦର୍ଶିକା ପାଳନ ପାଇଁ କୁହାଯାଇଛି। ସ୍କୁଲ କଲେଜ ହଷ୍ଟେଲରେ ସର୍ଭିଲାନ୍ସ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଛାତ୍ରଛାତ୍ରୀଙ୍କ ଲକ୍ଷଣ ରହିଛି ସ୍କୁଲ ନ ଆସିବା ପାଇଁ କୁହାଯାଇଛି। ଲକ୍ଷଣ ଥିଲେ ତାଙ୍କର ତୁରନ୍ତ ଟେଷ୍ଟ କରାଯିବାକୁ ବି କୁହାଯାଇଛି ।ଯେଉଁଠି ଅଧିକ ସଂକ୍ରମଣ ବାହାରିବ, ତାହାକୁ ସିଲ କରାଯିବା ସହ ପୂର୍ବ ନିୟମକୁ କଡାକଡି ପାଳନ କରାଯିବ। ସମସ୍ତେ ସତର୍କ ରହିଲେ ତୃତୀୟ ଲହରକୁ ଏଡ଼ାଇ ଯାଇପାରିବା ବୋଲି ସେ କହିଛନ୍ତି।

### ଭୁବନେଶ୍ୱରରୁ ୯୬ପଜିଟିଭ୍

ଭୁବନେଶ୍ୱର, ୨୮।୧୧(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶନିବାର ଦିନ ଆଉ ୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୮୮ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୧୦୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

## ଗୋଟିଏ ଦିନରେ ୨୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୪୯୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୬୦୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୪୨୪ ରହିଛି। ଆଜି ଚିହ୍ନଟ ହୋଇଥିବା ୨୬୪ ଜଣଙ୍କ ମଧ୍ୟରୁ ୧୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୨ ଓ ବାଲେଶ୍ୱର ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୪, ଭଦ୍ରକ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରୁ ୩ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୯ ଜଣ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ୍ ପୁଲରୁ ୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବରିଷ୍ଠ ଦେୱାନୀ ଜଜ ନିଲମ୍ବିତ

ଖଣ୍ଡପଡା, ୨୮।୧୧(ପି.ଏନ): କର୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା, କରୋନା କାଳରେ ଅଦାଲତକୁ ଠିକ ରୁପେ ନଆସି ଅନୁପସ୍ଥିତ ରହିବା ଅଭିଯୋଗରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡାର ବରିଷ୍ଠ ଦେୱାନୀ ଜଜ୍ ବିଭୁଦତ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜଣାପଡିଛି । ଖଣ୍ଡପଡା ଅଂଚଳର ବରିଷ୍ଠ ଆଇନଜୀବି ମାନେ ବରିଷ୍ଠ ଦେୱାନୀ ଜଜ୍ ଶ୍ରୀ ନାୟକଙ୍କ ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ବିଭିନ୍ନ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏ ସଂପର୍କରେ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ପରେ ନୟାଗଡ ଜିଲ୍ଲା ଜଜ୍ ରୁପଶ୍ରୀ ଚୌଧୁରୀ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ । ତଦନ୍ତ ରିପୋର୍ଟକୁ ଭିତିକରି ବରିଷ୍ଠ ଦେୱାନୀ ଜଜ ଶ୍ରୀ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହ ନୟାଗଡ ଜିଲ୍ଲା ମୁଖ୍ୟ ଦପ୍ତରରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ନାୟକ କାର୍ଯ୍ୟରୁ ନିଲମ୍ବନ ହେବା ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଥିଆଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାଯାଇଛି ।

## ଆସୁଛି ଆଉଏକ ଲଘୁଚାପ ! ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଲେ ଏସ.ଆର.ସି



ଭୁବନେଶ୍ୱର, ୨୮।୧୧(ପି.ଏନ): ଦକ୍ଷିଣ ଆଣ୍ଡାମାନ ସାଗରରେ ଆସନ୍ତା ୩୦ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇପାରେ ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ତେଣୁ ସମ୍ଭାବ୍ୟ ଲଘୁଚାପ ନେଇ ସତର୍କ ରହିବାକୁ ସବୁ ଜିଲ୍ଲାପାଳମାନଙ୍କୁ ୫ଜଉ ଚିଠି ଲେଖିଛନ୍ତି। ଚିଠିରେ ଏସଆରସି କହିଛନ୍ତି ଯେ ଲଘୁଚାପ ଯୋଗୁଁ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେଣୁ ସମସ୍ତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସଆରସି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଉପକୂଳ ସହ ୬ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ସେହି ଜିଲ୍ଲା ଗୁଡିକ ହେଲେ ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୨ ତାରିଖ ପୂର୍ବରୁ ସମୁଦ୍ରରୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଆଡକୁ ଗତି କରିବା ସହ ୨ ତାରିଖ ବେଳକୁ ଅଧିକ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇପାରେ। ଏହି ଅବପାତ ପ୍ରଭାବରେ ଡିସେମ୍ବର ୩ରୁ ଓଡିଶା ଉପକୂଳରେ ବର୍ଷା ଆରମ୍ଭ ହୋଇପାରେ। ଏପରିକି ଦୁଇ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ବର୍ଷା ହେବା ସମ୍ଭାବନା ରହିଛି ତାହା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ। ଏବେ ଧାନ ପାଚି ଅମଳ ସମୟ ହୋଇଥିବାରୁ ଏହି ବର୍ଷା ଚାଷୀ ଓ ଚାଷ କାର୍ଯ୍ୟ ପାଇଁ ଘାତକ ହେବ ବୋଲି ଆଶଙ୍କା କରାଯାଉଛି।

## ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ ହେଲା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା

ଭୁବନେଶ୍ୱର, ୨୮।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲ ମାଧ୍ୟମରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। କୋରାପୁଟର ୧୨ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ନବରଙ୍ଗପୁରର ୧୧ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ସ୍ମାର୍ଟ କାର୍ଡ ପାଇବେ। ଆଜିର କାର୍ଯ୍ୟକ୍ରମ ସହିତ ରାଜ୍ୟର ୨୩ଟି ଜିଲ୍ଲାର ଜନସାଧାରଣ ଏହି ଯୋଜନାରେ ସାମିଲ ହେଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍‌ସିପାତ୍ରଙ୍କ ପ୍ରତିମୂର୍ତୀ ଉନ୍ମୋଚନ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋରାପୁଟ ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୦୦୦ କୋଟି ଟଙ୍କାର ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋରାପୁଟ ଆଜି ଏକ ସଫଳ ଜିଲ୍ଲା ଭାବରେ ନୂଆ ପରିଚୟ ସୃଷ୍ଟି କରିପାରିଛି। ଏକ ନୂଆ ବ୍ରାଣ୍ଡ ଭାବରେ କୋରାପୁଟ କଫି ମାର୍କେଟରେ ସୁନାମ କରିବା ସହିତ ଜନଜାତି ଭାଇଭଉଣୀ ମାନଙ୍କ ପାଇଁ ନୂଆ ସୁଯୋଗ ମଧ୍ୟ ସୃଷ୍ଟି କରିପାରିଛି । ଆଗାମୀ ୫ ବର୍ଷରେ ୫୦୦୦ ହେକ୍ଟର ଜମିରେ କଫି ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଜାତି ଭାଇଭଉଣୀ ମାନଙ୍କ ଶିକ୍ଷା ସହିତ ନୂଆ ନୂଆ ରୋଜଗାର ସୃଷ୍ଟି ଓ ଯୋଗାଯୋଗର ଉନ୍ନତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ସେହିପରି ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ସ୍ମାର୍ଟ କାର୍ଡ ଯୋଜନା ଆରମ୍ଭ କରି ମୁଖ୍ୟମନ୍ତ୍ରୀ ସେଠାରେ ୧୩୩ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏଥିରେ ପିଇବା ପାଣି ଠାରୁ ଆରମ୍ଭ କରି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ । ସେହିପରି ଜିଲ୍ଲା ପାଇଁ ଗୋଟିଏ ଦିନରେ ୪୫କୋଟି ଟଙ୍କା ଖର୍ଚ୍ଚରେ ୪୯ଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହାଦ୍ୱାରା ଜିଲ୍ଲାର କୋଣ ଅନୁକୋଣରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିପାରିବ । ସ୍ୱାସ୍ଥ୍ୟସେବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ କୋରାପୁଟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡଲ ପ୍ରମୁଖ ଯୋଗ ଦେଇଥିବା ବେଳେ ନବରଙ୍ଗପୁରରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ରମେଶଚନ୍ଦ୍ର ମାଝୀ ଓ ବିଧାୟକ ସଦାଶିବ ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**Accommodation Wanted**

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

**APPOINTMENT**

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ଳିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ




ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ବ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପରିଣାମଦର୍ଶୀ କୃଷିନୀତି ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରି ଚାଲିଛନ୍ତି । ରାଜ୍ୟର ନବୀନ ସରକାର ଚାଷୀ ହତ୍ୟାକାରୀ । ଏହି ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରବକ୍ତା ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛନ୍ତି ।ସେ କହିଛନ୍ତି ଯେ ଚଳିତ ବର୍ଷରେ ବର୍ତମାନ ପର୍ଯ୍ୟନ୍ତ ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି । ଗତ ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରର ଶାଳୀକୋଠା ଗ୍ରାମର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ବିଲରେ ବିଷ ପିଇ ଆତ୍ମହତ୍ୟା କରିଥିଲେ । ଚକଡ଼ା ପୋକ ତାଙ୍କ ୪ ଏକର ଧାନ କ୍ଷେତକୁ ନଷ୍ଟ କରି ଦେଇଥିଲା । ଏହି ଚାଷ ପାଇଁ ସେ ୨ ଲକ୍ଷ ଟଙ୍କା ଶତକଡ଼ା ମାସିକ ୪% ହାରରେ ଗାଁ ମହାଜନଠୁ ସୁଧରେ ଆଣିଥିଲେ । ଚାଷ ନଷ୍ଟ ହେବା ନେଇ ଏବଂ ଋଣ ସୁଝି ନ ପାରିବାର ଭୟ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିଥିଲା । ଠିକ୍ ଅନୁରୂପ ଭାବରେ ଚଳିତ ମାସ ୨୦ ତାରିଖରେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ତୃଣବେଡ଼ା ଗାଁର ବିଭୂତି ଭୂଷଣ ସରକାର ମଧ ନିଜର ୨ ଏକର ପରିମିତ କୋବିଚାଷର ଫସଲ ଅଜଣା ପୋକ ଦ୍ୱାରା କ୍ଷତି ଗ୍ରସ୍ତ ହେବା ଏବଂ ୨ ଲକ୍ଷ ଟଙ୍କାର ଋଣବୋଝ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି । ସେହିପରି ଯଦି ଚାଷୀମାନଙ୍କ ପ୍ରତି ପ୍ରକୃତ ସମ୍ବେଦନଶୀଳତା ଥାଏ, ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରକାରଙ୍କ ଭଳି ଧାନ କିଣାରେ ପ୍ରତି କ୍ୱିଂଟାଲରେ ଅତିରିକ୍ତ ସହାୟତା ଦେଇ ଓଡ଼ିଶା ସରକାର ଚାଷୀମାନଙ୍କଠୁ ୨୯୩୦ ଟଙ୍କାରେ ନିଜେ ଧାନ କିଣି ଉଦାହରଣ ସୃଷ୍ଟି କରନ୍ତୁ ବୋଲି କିଷାନ କଂଗ୍ରେସର ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଦାବୀ କରିଛନ୍ତି । ଏହା ସହିତ ରାଜ୍ୟର ସମସ୍ତ ଚାଷୀଙ୍କଠାରୁ ସବୁ ଖରିଫ୍ ଧାନ କିଣିବା ପାଇଁ ନିର୍ଦ୍ଧାରିତ ସମୟରେ ବ୍ୟବସ୍ଥିତ ଢଙ୍ଗରେ ତୁରନ୍ତ ମଣ୍ଡି ଖୋଲିବା, ପୂର୍ବ ବର୍ଷ ଭଳି କୌଣସି ଏକ ଚାଷୀଙ୍କ ଟୋକନ ଲାପ୍ସ ନ କରିବା, କଟଣୀ ଛଟଣୀ ବନ୍ଦ କରିବା, ପରିବହନ ଖର୍ଚ୍ଚ ଓ ଅଖାର ଦାମ୍ ଚାଷୀଙ୍କୁ ଦେବା ପାଇଁ ସେ ଦାବୀ କରିଛନ୍ତି । ଏମ.ଏସ୍.ପିର ଆଇନଗତ ବ୍ୟବସ୍ଥା, ପ୍ରଚଳିତ ଏମ.ଏସ୍.ପିର ବୃଦ୍ଧି, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ଭାଗଚାଷୀ ସୁରକ୍ଷାର ଆଇନ ପ୍ରଣୟନ, ଅଣଧାନ ଚାଷର ଅଭିବୃଦ୍ଧି, ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟ ପତ୍ର ପ୍ରଦାନ, ଆଳୁ ପିଆଜ ଓ ଅନ୍ୟ ପନିପରିବା ଓ ଫୁଲ ଚାଷର ବ୍ୟାପକତା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମଧ ସେମାନେ ଦାବୀ କରିଛନ୍ତି ।ଚାଷୀମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କଂଗ୍ରେସ ଆୟୋଜନ କରିବ ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ଦାସ କହିଥିବା ବେଳେ ଏଥିପାଇଁ ଆସନ୍ତା ଡିସେମ୍ବର ୧ ତାରିଖରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ଅଣଦେଖାକୁ ପ୍ରତିବାଦ କରାଯିବା ପାଇଁ ଏହି ବୈଠକରେ ଆନ୍ଦୋଳନର ରୂପରେଖ ଚୁଡ଼ାନ୍ତ ହେବ ବୋଲି ପ୍ରଦେଶ କିଷାନ କଂଗ୍ରେସର ଅଧକ୍ଷ ସୂଚନା ଦେଇଛନ୍ତି ।

## ମଦ ବାର୍‌ରେ ଚଢଉ, ୩ କର୍ମଚାରୀ ଗିରଫ

ଧର୍ମଶାଳା,(ପି.ଏନ): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟରେ ଥିବା ଏକ ମଦ ବାର୍‌ରେ ଗୁରୁବାର ବିଳମ୍ବିତ ରାତିରେ ବେଆଇନ ଭାବେ ମଦ ବେପାର ହେଉଥିଲା । ଖବର ପାଇ ପୁଲିସ୍ ଉକ୍ତ ବାର୍‌ରେ ଚଢଉ କରିବା ସହିତ ୩ଜଣ କର୍ମଚାରୀଙ୍କ ସମେତ ୫ଜଣଙ୍କୁ ଉଠାଇ ଆଣିଥିଲା । ଅଟକ ୨/୩ଜଣ ଗ୍ରାହକଙ୍କୁ ପୁଲିସ୍ ଛାଡି ଦେଇଥିବା ବେଳେ ଗିରଫ ୩କର୍ମଚାରୀ ଆଜି ବ୍ୟକ୍ତିଗତ ମୁଚାଲିକାରେ ମୁକୁଳି ଥିବା ଜଣାପଡିଛି । ପୁଲିସ୍‌ର ଏହି ରାତିଅଧିଆ ଚଢଉ ପରେ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ସୃଷ୍ଟି କରିଛି । ସରକାରୀ ନିୟମକୁ ଉଲଘଂନ କରାଯାଇ ବାର୍‌ରେ ଦିନରାତି ମଦ ବେପାର ହେଉଥିବା ଅଭିଯୋଗ ହେଉଛି । ସେହିପରି ନିକଟରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ ସମ୍ମୁଖ ବି ମଦ ବାର୍ ପାଲଟିଯାଇଛି । ନିୟମାନୁସାରେ ଏଠାରେ କେବଳ ମଦ ବିକ୍ରି ହେବାକଥା । ମାତ୍ର ଗ୍ରାହକମାନେ ଏଠାରେ ମଦ୍ୟପାନ ଆସର କରୁଛନ୍ତି । ଗୋଟିଏ ସ୍ଥାନରେ ଦୁଇଟି ମଦ ବିକ୍ରୟକେନ୍ଦ୍ର ରହିଥିବାରୁ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ସହିତ ଅନେକ ସମୟରେ ସେମାନଙ୍କ ମଧ୍ୟରେ ମାଡପିଟ୍ ହେଉଛି । ସଂଧ୍ୟା ପରଠାରୁ ସମ୍ମୁଖ ୧୪ନମ୍ବର କେନାଲ୍ ବନ୍ଧରାସ୍ତାରେ ଯାତାୟତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିରାପଦ ମଣୁନାହାଁନ୍ତି । ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଅନୈତିକ କାର୍ଯ୍ୟର ଭିଡିଓ ଭାଇରାଲ୍ ପରେ ଶିକ୍ଷକଙ୍କୁ ବଦଳି

ଧର୍ମଶାଳା,(ପି.ଏନ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତର ଏକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଅନୈତିକ କାର୍ଯ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା । ଘଟଣା ସଂପର୍କରେ 'ସମ୍ବାଦ'ରେ ଖବର ପ୍ରକାଶ ପାଇବା ପରେ ସଂପୃକ୍ତ ଶିକ୍ଷକଙ୍କୁ ଥାନୁଆଳ ପଞ୍ଚାୟତର ଅନ୍ୟ ଏକ ସ୍କୁଲ୍‌କୁ ବଦଳି କରାଯାଇଛି । ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ଅଧିକାରୀଙ୍କ କୋହଳ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଦଶହରା ଛୁଟିରେ ସ୍କୁଲ ଖୋଲା ଥିବା ଦେଖି ନିକଟସ୍ଥ ଅଞ୍ଚଳର ଜଣେ ଯୁବତୀ ପହଁଚି ମୋବାଇଲ୍‌ରେ ଏହାର ରେକର୍ଡିଂ କରୁଥିଲେ । ଏହି ସମୟରେ ସ୍କୁଲ କାର୍ଯ୍ୟାଳୟରେ ଜଣେ ଶିକ୍ଷକ ଅସଂଯତ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିବା ବେଳେ ଜଣେ ମହିଳା ଅଫିସ୍‌ରୁ ତରବରିଆ ଭାବେ ବାହାରି ଆସି କଣ ହେଲା ବୋଲି ଭିଡିଓ ରେକର୍ଡ କରୁଥିବା ଯୁବତୀଙ୍କୁ ପଚାରି ଚାଲି ଯାଇଥିଲେ । ପରେ ଉକ୍ତ ଭିଡିଓ ଗୋଟିଏ ମୋବାଇଲ୍‌ରୁ ଆଉ ଗୋଟିଏ ମୋବାଇଲ୍‌କୁ ଘୂରି ବୁଲିଥିଲା । ଗତମାସ ୧୬ ଓ ୧୭ ତାରିଖରେ 'ସମ୍ବାଦ'ରେ ଏନେଇ ଦୁଇଥର ଖବର ପ୍ରକାଶ ପାଇଥିଲା । ଏହା ଜଣାପଡିବା ପରେ ବିଭାଗୀୟ ଖୋଳତାଡ କରାଯାଇ ସଂପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ ବଦଳରେ କେବଳ ବଦଳି କରି ଦିଆଯାଇଛି । ପୂର୍ବରୁ ମଧ୍ୟ ଏହି ଶିକ୍ଷକ ନିକଟସ୍ଥ ଅନ୍ୟ ଏକ ସ୍କୁଲରେ ଅନୁରୂପ କାଣ୍ଡ ଘଟାଇ ବିବାଦୀୟ ହୋଇ ବିଦା ହୋଇଥିଲେ । ତେବେ ପୁଣି ଏକ ବିବାଦୀୟ ଘଟଣାରେ ଫସି ଯାଇଥିବା ସଂପୃକ୍ତ ଶିକ୍ଷକଙ୍କୁ ଥଇଥାନ କରାଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ସୃଷ୍ଟି କରିଛି ।

# ବିପ୍ଲବୀ ନାଗଭୂଷଣଙ୍କ ରଚିତ ପୁସ୍ତକ 'ବିପ୍ଳବର ପଥେ' ଲୋକାର୍ପିତ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥିତ ନାଗଭୂଷଣ ଭବନରେ ସିପିଆଇ (ଏମ୍.ଏଲ୍) ଲିବରେସନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ମହାନ୍ ବିପ୍ଳବୀ ନାଗଭୂଷଣଙ୍କ ଚରିତ ପୁସ୍ତକ 'ବିପ୍ଳବର ପଥେ'ର ଲୋକାର୍ପିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ଉକ୍ତ ପୁସ୍ତକର ଓଡ଼ିଆ ଅନୁବାଦ କରିଛନ୍ତି । ଏହି ପୁସ୍ତକକୁ ସମୀକ୍ଷା କରି ପ୍ରଫେସର ବିଜୟ ବହିଦାର କହିଛନ୍ତି ଯେ, ନାଗଭୂଷଣ ସମାଜର ପରିବର୍ତନ ଲାଗି ଉକ୍ତ ପୁସ୍ତକରେ କୃଷକ, ଶ୍ରମିକ ଓ ବିଶେଷକରି ମହିଳା ସମାଜକୁ ଆହ୍ୱାନ ଦେଇଥିଲା ବେଳେ ଜାତିପ୍ରଥାକୁ ଉଚ୍ଛେଦ କରିବା ଲାଗି କହିଛନ୍ତି । ନାଗଭୂଷଣ କହିଥିଲେ ଯେ, ଲୋକମାନଙ୍କ ଆନ୍ଦୋଳନ ଫଳରେ ସମାଜରେ ପରିବର୍ତନ ସମ୍ଭବ ହୋଇପାରିବ । ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ କୃଷକମାନଙ୍କ ଆନ୍ଦୋଳନ ସ୍ୱାଧିନତା ଆଣିବା ଲାଗି ପଥ ପରିଷ୍କାର ହୋଇଥିଲା ବୋଲି ନାଗଭୂଷଣ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି ।ଏଥିରେ ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍.ଏଲ୍) ଲିବରେସନର କେନ୍ଦ୍ରୀୟ କମିଟି ସଭ୍ୟ ରାଧାକାନ୍ତ ସେଠି , ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର , ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ,କେନ୍ଦ୍ରୀୟ କମିଟି ସଦସ୍ୟ ତିରୁପତି ଗମାଙ୍ଗ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଲୋକାର୍ପଣ ଉତ୍ସବରେ ନାଗଭୂଷଣ ପଟ୍ଟନାୟକଙ୍କ ସହିତ କାର୍ଯ୍ୟ କରିଥିବା ଶରତ ତ୍ରିପାଠୀ, ଦିବାକର ବେଉରିଆଙ୍କୁ ସମ୍ମାନିତ କରାଯାଇଥିଲା ।

# କଳାପଥର ଓ ବାଲି ଚୋରା ଚାଲାଣ କରୁଥିବା ୩ ଟ୍ରକ୍ ଜବତ

ଧର୍ମଶାଳା,(ପି.ଏନ):ଧର୍ମଶାଳା ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ବିଭାଗର ଭିଜିଲାନ୍‌ସ ସ୍କ୍ୱାର୍ଡ ଚଢଉ କରି କଳାପଥର ଓ ବାଲି ଚୋରା ଚାଲାଣ କରୁଥିବା ୩ଟି ଟ୍ରକ୍‌କୁ ଜବତ କରିଛି । ଜାରକା ଦେଉଳି ଗାଁ ନିକଟରୁ ଗୋଟିଏ ବାଲି ବୋଝେଇ ଟ୍ରକ୍ ଓ କଣ୍ଟିଗଡିଆ ଛକ ନିକଟରୁ ୨ଟି ହାତଭଙ୍ଗା କଳାପଥର ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି । ଟ୍ରକ୍ ଚାଳକମାନେ କଳାପଥର ଓ ବାଲି ପରିବହନ ପାଇଁ ଆବଶ୍ୟକ ଓ୍ୱାଇଫର୍ମ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା । ଜବତ ସାମଗ୍ରୀ ସମେତ ଟ୍ରକ୍‌ର ମୂଲ୍ୟ ୫୪.୨୦ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାର୍ଡ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ୩ଟି ମୋକଦ୍ଦମା ରୁଜୁ କରି ଜଙ୍ଗଲ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଲଘୁ ଖଣିଜ ସାମଗ୍ରୀ ଲୁଟ୍‌ପାଟ୍ ରୋକିବା ପାଇଁ ତହସିଲ ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବାରମ୍ବାର ଚଢଉ କରାଯାଉଥିଲେ ମଧ୍ୟ ଏହି ଚୋରା କାରବାର ବନ୍ଦ ହେବା ନାଁ ଧରୁନି । ଫଳରେ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଧର୍ମଶାଳା ଅଞ୍ଚଳରେ ମାଫିଆରାଜ୍ ବୃଦ୍ଧି ପାଇଛି । ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଲୋଧା ଜନଜାତିଙ୍କ ପାରମ୍ପରିକ କଳା ଓ କାରିଗରୀ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଆସନ୍ତାକାଲି (ନଭେମ୍ବର ୨୮) ରବିବାର ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ଓଡ଼ିଶାର ଲୋଧା ଜନଜାତିଙ୍କ କଳା ଓ କାରିଗରୀ ସଂପର୍କରେ ଜାଣିପାରିବେ । ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଗୋଲ୍‌ଡେନ୍ ଗ୍ରାସ୍ ନାମରେ ପରିଚିତ ସବାଇ ଘାସ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ଦେଖାଯାଏ । ପାରମ୍ପରିକ ଭାବେ ଲୋଧା ଜନଜାତି ସେମାନଙ୍କର ସରଳ ଉପକରଣ ଯୋଗେ ସବାଇ ଘାସରୁ ଦଉଡ଼ି ପ୍ରସ୍ତୁତ କରିଥାନ୍ତି । ପ୍ରସ୍ତୁତ ହୋଇଥିବା ଦଉଡ଼ିକୁ ଘରକରଣା ସାମଗ୍ରୀ ପ୍ରସ୍ତୁତରେ ବ୍ୟବହାର କରିବା ପରେ ଅବଶିଷ୍ଟକୁ ବଜାରରେ ବିକ୍ରୟ କରି ରୋଜଗାର କରିଥାନ୍ତି । ସବାଇ ଘାସ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଅଂଶ । ଅତୀତରେ ଦଉଡ଼ି ତିଆରି କରିବା ପାଇଁ ଫାଶ ଘରେଇ ବ୍ୟବହାର କରୁଥିଲେ । ଏବେ ସବାଇ ଘାସରେ ଦଉଡ଼ି ପ୍ରସ୍ତୁତି ନିମନ୍ତେ ସେମାନେ ସରଳ ଯାନ୍ତିକ ଉପକରଣ ବ୍ୟବହାର କରୁଛନ୍ତି । କ୍ରମଶଃ ସବାଇ ଘାସ ପ୍ରସ୍ତୁତ ସାମଗ୍ରୀ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଉଅଛି ଏବଂ ପ୍ରସିଦ୍ଧି ଲାଭ କରିଛି ।

# ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗ : ସ୍ଥିତି ଅନୁଧାନ ପାଇଁ ଓଡିଶା ଆସିବେ ୩ ଜଣିଆ ବିଜେପି କେନ୍ଦ୍ରୀୟ ପ୍ରତିନିଧି ଦଳ : ଡ.ସମ୍ବିତ ପାତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ୩ ଜଣିଆ ପ୍ରତିନିଧି ଦଳ ଓଡିଶା ଗସ୍ତ କରି ଘଟଣା ସଂପର୍କରେ ବିସ୍ତୃତ ଅନୁଧାନ କରିବେ । ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ଭାନଥୀ ଶ୍ରୀନିବାସନ, ସାଂସଦ ସୁନୀତା ଦୁଗଲ, ବିଧାୟିକା ରୁପା ମିତ୍ର ଚୌଧୁରୀ ସାମିଲ ଅଛନ୍ତି । ଏହି ପ୍ରତିନିଧି ଦଳ ଘଟଣା ସଂପର୍କରେ ସଂପୂର୍ଣ୍ଣ ରିପୋର୍ଟ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନଡ୍ଡାଙ୍କୁ ପ୍ରଦାନ କରିବେ ବୋଲି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର ଦିଲ୍ଲୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସେ କହିଛନ୍ତି କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ସନସାଇନ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଅତ୍ୟନ୍ତ ହୃଦୟ ବିଦାରକ । ମମିତାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇ ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ପୋଡି ଦେଇ ମାଟି ତଳେ ପୋତି ଦେବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି । ସନସାଇନ ସ୍କୁଲର ମୁଖ୍ୟ ସଂଚାଳକ ଗୋବିନ୍ଦ ସାହୁ ସେକ୍ସ ର୍ୟାକେଟରେ ସଂପୃକ୍ତ ରହି ଛାତ୍ରୀ ଓ ମହିଳାମାନଙ୍କୁ ଶୋଷଣ କରୁଥିଲେ । ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ଘନିଷ୍ଠ ସଂପର୍କ ଏବଂ ପ୍ରାୟଦିନ ମହାଲିଙ୍ଗସ୍ଥିତ ସନସାଇନ ସ୍କୁଲକୁ ଆସି ରାତ୍ରଯାପନ କରିବା; ମମିତାଙ୍କ ନିଖୋଜ ସଂପର୍କରେ ଏଫଆଇଆରକୁ ପୋଲିସ ଗ୍ରହଣ ନକରିବା; ବିଦ୍ୟୁତ କାଟ କରାଯାଇ ଅଭିଯୁକ୍ତ ଗୋବିନ୍ଦଙ୍କୁ ପୋଲିସ ହେପାଜତରୁ ଖସାଇଦେବା; 'ସନସାଇନ ସ୍କୁଲକୁ ଆସିଲେ, ମୁଁ ଯୁବକ ହୋଇଯାଏ' ଭଳି ମନ୍ତ୍ରୀଙ୍କ ବିବୃତି; ପରିବାରବର୍ଗ ଓ ସ୍ଥାନୀୟବାସିନ୍ଦାଙ୍କ ମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଦି ଶ୍ରୀ ମିଶ୍ରଙ୍କ ସଂପୃକ୍ତିକୁ ସ୍ପଷ୍ଟ ପ୍ରମାଣିତ କରୁଛି । କ୍ଷମତାର ଅପବ୍ୟବହାର କରି ମନ୍ତ୍ରୀ ଶ୍ରୀ ମିଶ୍ର ଅଭିଯୁକ୍ତ ଗୋବିନ୍ଦ ସାହୁକୁ ସୁରକ୍ଷା ଯୋଗାଇ ଦେବା ସହ ହତ୍ୟାକାଣ୍ଡ ସଂପର୍କରେ ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିବାର ଷଡଯନ୍ତ୍ର କରିଛନ୍ତି । ଏ ସମସ୍ତ ଷଡଯନ୍ତ୍ରରେ ଏକାଧିକ ବ୍ୟକ୍ତି ସଂପୃକ୍ତି ଥିବାର ସନ୍ଦେହ ଦୃଢୀଭୂତ ହେଉଛି ବୋଲି ବିଜେପି ଡ. ପାତ୍ର କହିଛନ୍ତି ।

## ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ ଦାସ ଗିରଫ

ଭୁବନେଶ୍ୱର, (ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ବାରିପଦା ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ ଦାସ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଯନ୍ତ୍ରୀ ସନ୍ତୋଷ ଦାସଙ୍କ ଘରେ ଭିଜିଲାନ୍ସ ଚଢାଉ ବେଳେ ବିପୁଳ ସମ୍ପତି ଜବତ ହୋଇଥିଲା । ଏକକାଳୀନ ୧୧ଟି ସ୍ଥାନରେ ଚଢାଉ ହୋଇଥିଲା । ଚଢାଉ ବେଳେ ତାଙ୍କ ଘରୁ ନଗଦ ୪୧ ହଜାର ୭୭ ହଜାର ଟଙ୍କା ଜବତ ହୋଇଥିଲା । ଯନ୍ତ୍ରୀ ସନ୍ତୋଷ ଦାସ ଓ ତାଙ୍କ ପତ୍ନୀଙ୍କ ନାଁରେ ବି ମାମଲା ରୁଜୁ ହୋଇଛି ।

## କରୋନାରୁ ସୁସ୍ଥ ହେଲେ ୨୫୫

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ୨୪ ଘଂଟାରେ ଆଉ ୨୫୫ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୮୬୪ରେ ପହଂଚିଛି ।

# ସାଲିସ ବିହୀନ ସଂସ୍କୃତି ଐତିହ୍ୟ ନିର୍ବୀକ ସାମ୍ବାଦିକ: ପ୍ରଦ୍ୟୁମ୍ନ ଶତପଥୀ

ଭୁବନେଶ୍ୱର,(ପି.ଏନ): ବୌଦ୍ଧିକ ସମାବେଶ ଓ ମୁକ୍ତାକାଶ ପାଠାଗାର ପରିସରରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୩ତମ ଜନ୍ମଦିନ ପାଳନ କରାଯାଇଛି । ବୌଦ୍ଧିକ ସମାବେଶର ସଭ୍ୟାମାନଙ୍କ ଦ୍ୱାରା ରାଜା ଛକ ପରିସରରେ ବନ୍ଦନା ଗାନ କରାଯାଇ ତାଙ୍କର ଦୀର୍ଘାୟୁ କାମନା କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଶତପଥୀ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଶ୍ରୀ ଶତପଥୀ କହିଥିଲେ ରାଜଧାନୀ ସମାବେଶର ସମସ୍ତ ସଦସ୍ୟମାନଙ୍କ ଜନ୍ମଦିନ ପାଳନ କରାଯିବ ତା ସହିତ ସେହିଠାରେ କୌଣସି ଜଣେ ମହାପୁରୁଷଙ୍କ ଓଡ଼ିଆ ଜାତିପତି ଥିବା ଅବଦାନକୁ ସ୍ମୃତି ଚାରଣ କରାଯିବା । ବୌଦ୍ଧିକ ସମାବେଶ ତରଫରୁ ବସ୍ତିରେ ବାସ କରୁଥିବା ଗରିବ ଲୋକଙ୍କ ପିଲା ମାନଙ୍କୁ ରାତ୍ରିରେ ପାଠପଢା ଯିବାର ବନ୍ଦୋବସ୍ତ କରାଯାଉଅଛି । ରାତ୍ରିରେ ଖୋଲା ଆକାଶ ତଳେ ଶୀତରେ ଶୋଉଥିବା ସମସ୍ତଙ୍କୁ କମ୍ବଳ ବଂଟାଯିବ



ବୋଲି କହିଥିଲେ ଏବଂ ଏହାସହିତ ଗରିବ ବସ୍ତିର ଲୋକମାନଙ୍କୁ କମ୍ବଳ ବଂଟନ କରାଯିବ । ସେ ସମସ୍ତ ସଦସ୍ୟଙ୍କୁ ଏକ ଆହ୍ୱାନ ଦେଇଥିଲେ ଯେ ସମସ୍ତେ ମିଶିକି ସମାବେଶକୁ ଆଗକୁ ଆଗେଇ ନେବାପାଇଁ ବାର୍ତା ଦେଇଥିଲେ । ଏହି ଜନ୍ମଦିନ ଉତ୍ସବରେ ସଭାପତି କମଳ ଲୋଚନ ବିଶ୍ୱାଳ, ଉପସଭାପତି ସୌଭାଗ୍ୟ ରଂଜନ ମହାନ୍ତି, ସାଧାରଣ ସମ୍ବାଦକ ଲିଙ୍ଗରାଜ କାଟା, ସମ୍ପାଦକ ରାହୁଲ କୁମାର, ସଂଯୋଜକ ବିମଳ ପ୍ରଧାନ କୋଷାଧକ୍ଷ ଶରତ ରାଉତ ଓ ଅନ୍ୟାନ୍ୟ ସଦସ୍ୟଙ୍କ ମଧରୁ ପିୟୁସ କୁମାର ସ୍ୱାଇଁ, ଆଡଭୋକେଟ ଋତୁରାଜ ପଟ୍ଟନାୟକ, ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାସ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା ଏବଂ ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY


(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada





# ଯୋଡା ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କଲେ ଚମ୍ପୁଆ ବିଧାୟିକା





ଯୋଡା (ପିଏନ୍)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାକୁ ପ୍ରଗତି ପଥେ ଆଗେଇ ନେବାକୁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ନିଜ ଉଦ୍ୟମ ଜାରି ରଖିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଯୋଡା ପୌରପାଳିକାକୁ ଅନ୍ତର୍ଭୂକ୍ତ କରି ଏବଂ ଡିଏମଏଫ ମାଧ୍ୟମରେ ଯୋଡା ପୌରପାଳିକାରେ ବିଭିନ୍ନ ୱାର୍ଡର ଉନ୍ନତିକରଣ ପାଇଁ ୮ଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ସୂଚନା ମୁତାବକ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଡା ପୌରପାଳିକାରେ ପହଂଚି ୮ଟି ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିବା ସହ ୩ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଡିଏମଏଫ ମାଧ୍ୟମରେ ୧ ନମ୍ବର ୱାର୍ଡର କଳାପାହାଡ ଛକଠାରୁ ଶାସ୍ତ୍ରୀନଗର ଛକ ପର୍ଯ୍ୟନ୍ତ ପେଭର ବ୍ଲକ ଦ୍ୱାରା ପ୍ରଶସ୍ତି କରଣ, ୮ ନମ୍ବର ୱାର୍ଡର ଧରଣୀଧର ଛକଠାରୁ ଗଣେଶ ଭବନ ପର୍ଯ୍ୟନ୍ତ ପେଭର ବ୍ଲକ ମାଧ୍ୟମରେ ଉନ୍ନତି କରଣ, ୱାର୍ଡ ନମ୍ବର ୧୧ ରେ ରୀନା ମୁଣ୍ଡା ଘର ଠାରୁ କୁଦୁର ସାହି ପାର୍ଯ୍ୟନ୍ତ ପେଭର ବ୍ଲକ ଦ୍ୱାରା ଉନ୍ନତି କରଣ, ୱାର୍ଡ ନମ୍ବର ୩ର କିର୍ତ୍ତନ ମଣ୍ଡପ ଠାରୁ ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ପେଭର ବ୍ଲକ ଦ୍ୱାରା ଉନ୍ନତି କରଣ, ୱାର୍ଡ ନମ୍ବର ୨ର ବନେଇକଳା କ୍ଲବ ଠାରୁ ମୁଣ୍ଡା ସାହି ପର୍ଯ୍ୟନ୍ତ ପେଭର ବ୍ଲକ ଦ୍ୱାରା ଉନ୍ନତିକରଣ, ବନେଇକଳା ବସ୍ତି ର ପେଭର ବ୍ଲକ ଦ୍ୱାରା ଉନ୍ନତି କରଣ , ୱାର୍ଡ ନମ୍ବର ୨ ରେ ଖୋଲା ସ୍ଥାନରେ ନିର୍ମାଣ ଭିତ୍ତିକ ଉନ୍ନତି କରଣ, ୱାର୍ଡ ନମ୍ବର ୨ରେ ଆମବାଗାନର ଖୋଲା ସ୍ଥାନରେ ନିର୍ମାଣ ଭିତ୍ତିକ ଉନ୍ନତିକରଣ କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ମୁକ୍ତା ଯୋଜନାରେ ଯୋଡା ପୌରପାଳିକାରେ ଥିବା ସ୍ୱର୍ଗଦ୍ୱାର ରାସ୍ତାର ଉନ୍ନତି କରଣ, ଶାସ୍ତ୍ରୀ ନଗରରେ ଥିବା ଖୋଲା ସ୍ଥାନର ଉନ୍ନତି କରଣ, ପ୍ରଶାନ୍ତ ବେହେରା ଘର ଠାରୁ ମୂର୍ତ୍ତୀ ବିସର୍ଜନ ପୋଖରୀ ପର୍ଯ୍ୟନ୍ତ ସ୍ପେସିଆଲ ଭାବେ ପେଭର ବ୍ଲକ ଦ୍ୱାରା ଉନ୍ନତିକରଣ, ୱାର୍ଡ ନମ୍ବର ୬ର କଣ୍ଟ୍ରାକଟର କଲୋନୀରେ ଥିବା ଖୋଲା ସ୍ଥାନର ନିର୍ମାଣଭିତ୍ତିକ ଉନ୍ନତିକରଣ କରାଯିବା ନେଇ ଶିଳାନ୍ୟାସ ଏବଂ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟଗୁଡିକର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ପୌର ପରିଷଦ ପକ୍ଷରୁ ଏକ ବଡାଖାନାର ଆୟୋଜନ କରାଯାଇଥିଲା। ସାରା ଦେଶରେ ବିଂଶ ସ୍ଥାନରେ ଓଡିଶାର ନାଁ ଥିବା ବେଳେ ଓଡିଶାରେ ଯୋଡା ପୌରପାଳିକା ବର୍ଜ୍ୟବସ୍ତୁକୁ ଜୈବିକ ସାରରେ ପରିଣତ କରିବା ପ୍ରଣାଳୀରେ ଏକ ନମ୍ବର ହୋଇଥିବାରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରି ମନୋବଳ ବଢାଇବା ପାଇଁ ସ୍ୱଚ୍ଛ ସାଥୀ ଏବଂ ସଫେଇ କର୍ମଚାରୀଙ୍କୁ ବିଧାୟିକା ନିଜ ହାତରେ ଖାଦ୍ୟ ପରଶିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ଏବଂ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରିତିମୟ ଯୋଗଦେଇ ସଫେଇ କର୍ମଚାରୀ ଏବଂ ସ୍ୱଚ୍ଛ ସାଥିଙ୍କୁ ଉପହାର ପ୍ରଦାନ କରିଥିଲେ। ଆଗକୁ ଆହୁରି ଅନେକ ପ୍ରକଳ୍ପ ଅଛି ବୋଲି ବିଧାୟିକା କହିବା ସହ ଅନେକ ପ୍ରକଳ୍ପ ସରକାରୀ ଜାଗା ଅଭାବରୁ ହୋଇପାରୁନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଂପାଦକ ବାବୁଲାଲ ସାହୁ, ବିଜେଡି ଜିଲ୍ଲା ଉପସଭାପତି ରବିନ୍ଦ୍ର କୁମାର ଦାସ, ସୁଶାନ୍ତ କୁମାର ବାରିକ, କ୍ଷୀରୋଦ ଗୋପ ଏବଂ ପୌରପରିଷଦର କର୍ମଚାରୀ ଓ ଯୋଡା ପୌରପାଳିକାରେ ଥିବା ସମସ୍ତ ୱାର୍ଡ ସଭାପତିମାନେ ଉପସ୍ଥିତ ଥିଲେ।

# କୋଣାର୍କ ଉତ୍ସବ-୨୦୨୧ ପାଇଁ ସମନ୍ୱୟ ବୈଠକ



କୋଣାର୍କ (ପିଏନ୍): ୩୨ତମ କୋଣାର୍କ ଉତ୍ସବ ଓ ୧୧ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ନିମନ୍ତେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଗତ ଶୁକ୍ରବାର ପୂର୍ବାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଚଳିତ ବର୍ଷର ଉତ୍ସବ ନିମନ୍ତେ ଟ୍ରାଫିକ, ପାର୍କିଂ, ଆଲୋକ, ପରିମଳ, ସୁରକ୍ଷା ବ୍ୟବସ୍ଥା, ଉତ୍ସବ ପରିଚାଳନା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଜିଲ୍ଲାପାଳ ଶ୍ରୀ ବର୍ମା ଉତ୍ସବ ସହ ଜଡିତ ଅଧିକାରୀମାନଙ୍କଠାରୁ ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ କୋଣାର୍କ ନିର୍ବାହୀ ଅଧିକାରୀ ଓ ଉତ୍ସବ ସହ ଜଡିତ ସମସ୍ତ ଅଧିକାରୀଙ୍କୁ କାର୍ଯ୍ୟ ତ୍ୱରାନିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁକ୍ତାକାଶ ରଙ୍ଗମଞ୍ଚ, ଆନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀ ପାଇଁ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମି କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ବିଭିନ୍ନ ସ୍ଥାନରେ ଥିବା ପାର୍କିଂ ସ୍ଥଳ ପରିଦର୍ଶନ କରିଥିଲେ। ଉତ୍ସବ ପାଇଁ ଦୁଇଚକିଆ ଓ ଚାରିଚକିଆ ଯାନ ନିମନ୍ତେ ଟେଣ୍ଡର ଜରିଆରେ କାର୍ଯ୍ୟ ଶେଷ କରିବାକୁ କୋଣାର୍କ ଏନଏସିର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଇଣ୍ଡିଆନ ଅଏଲ ଫାଉଣ୍ଡେସନ ଦ୍ୱାରା ନିର୍ମିତ ପାର୍କିଂ ସ୍ଥଳୀରେ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଉପଯୋଗ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି। ପର୍ଯ୍ୟଟକମାନଙ୍କ ସୁରକ୍ଷା ନିମନ୍ତେ ଚନ୍ଦ୍ରଭାଗାଠାରେ ଉତ୍ସବ ସମୟରେ ଲାଇଫଗାର୍ଡଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ବିନୟଭୂଷଣ ଦାଶ, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସାନ୍ତନୁ ମହାନ୍ତି, ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀଙ୍କ ସମେତ ଭାରତୀୟ ତୈଳ ପ୍ରତିଷ୍ଠାନ, ପୂର୍ତ୍ତ ବିଭାଗ, ବିଦ୍ୟୁତ, ସ୍ୱାସ୍ଥ୍ୟ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା, ଜାତୀୟ ରାଜପଥ ବିଭାଗ ସମେତ ଉତ୍ସବ ସହ ଜଡିତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ ପାଳିତ



ଭୁବନେଶ୍ୱର (ପିଏନ୍) – ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଂଟିନ୍ ଛକ ସ୍ଥିତ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ନେହେରୁଙ୍କ ପ୍ରତିମୂର୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ରଶ୍ମି ମହାପାତ୍ର, ମନୋରଂଜନ ଦାଶ, ପଦ୍ମାକର ଗୁରୁ, ହଳଧର ସେଠୀ, ଜ୍ୟୋତିଷ ସାହୁ, ସ୍ୱାଧୀନବାଳା ଦାସ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ପ୍ରକାଶ ମିଶ୍ର, ଅଭିଶେକ ମହାନନ୍ଦ, ରାଜକିଶୋର ବାରିକ, ଭାସ୍କର ସେଠୀ, ସଂଜୟ ମିଶ୍ର, ସଂକୁନା କହଁର, ମନୋରଂଜନ ରାଉତରାୟ, ଜୟକୃଷ୍ଣ ସୁବୁଦ୍ଧି, ଖଗେଶ୍ୱର ମଲ୍ଲିକ, ମିହିର ଆଚାର୍ଯ୍ୟ, ରଂଜିତ ପାତ୍ର, ନଳିନୀକାନ୍ତ ନାୟକ, ଦେବେନ୍ଦ୍ର ପ୍ରସାଦ ଦାସ, ଦେବୀ ପ୍ରସାଦ ସେଠୀ, ସୁବାଷ ପ୍ରଧାନ, ମୁନି ଥାପ୍ପା, ବିଂରଚି ବାରିକ, କୁଳମଣି ସାହୁ, ମିତ୍ରଭାନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନେହେରୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଉଭୟ ବିଜେଡି ଓ ବିଜେପି ସରକାର ରାଉରକେଲାବାସୀଙ୍କ ସହିତ ବେଇମାନୀ କରିଛନ୍ତି

ରାଉରକେଲା (ପିଏନ୍): ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଓ ବିଜେଡି ନେତୃତ୍ୱାଧିନ ରାଜ୍ୟ ସରକାର ଏବଂ ସେମାନଙ୍କର ସ୍ଥାନୀୟ ପ୍ରତିନିଧି ଯଥା ବିଧାୟକ ଓ ସାଂସଦ ରାଉରକେଲାବାସୀଙ୍କ ସହିତ ବେଇମାନୀ କରିଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ନିର୍ବାଚନ ବେଳେ ଦେଉଥିବା ପ୍ରତିଶ୍ରୁତି ପାଳନ ନ ହେବା, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ପରବର୍ତ୍ତୀ ସମୟରେ ଭୁଲିଯିବା ଏବଂ କଂଗ୍ରେସ ଅମଳରେ ହୋଇଥିବା ବିଭିନ୍ନ ପ୍ରତିଷ୍ଠାନକୁ ବନ୍ଦ କରିବା ତଥା ଉଠାଇ ଦେବା ଇତ୍ୟାଦି ବେଇମାନୀର ଗୋଟିଏ ଗୋଟିଏ ନିଚ୍ଛକ ନମୁନା ବୋଲି ଜନଜାଗରଣ ଯାତ୍ରାର ଦ୍ୱିତୀୟ ଦିବସରେ କଂଗ୍ରେସ ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅଭିଯୋଗ କରିଛନ୍ତି।

ଗତ ୨୬ ତାରିଖରେ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ମାର୍ଗଦର୍ଶନ ଏବଂ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଜାଗରଣ ଯାତ୍ରା କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଉପସଭାପତି ଦେବବ୍ରତ ବିହାରୀ ଅଧକ୍ଷତା କରିଥିଲେ। ଏସ୍‌ଟିଆଇ ଛକ, ଉଦିତନଗର ଆମ୍ବେଦକର ଛକ, ବାସନ୍ତୀ ନଗର ବାଜିରାଉତ ଛକ, ମାଲଗୋଦାମ ଛକ ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ମଧୁସୂଦନପାଲ୍ଲୀଠାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ସଂଗ୍ରାମ ଦାସ ମଧୁସୂଦନପାଲ୍ଲୀ ଠାରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇ ଜିଲ୍ଲା କଂଗ୍ରେସର ଏହି ଜନଜାଗରଣ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ବିଜେଡି ଓ ବିଜେପିର ଜନବିରୋଧି ନୀତି ସମ୍ପର୍କରେ ଉପସ୍ଥିତ ବସ୍ତିବାସୀଙ୍କୁ ଅବଗତ କରାଇଥିଲେ।

ଏ ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀ ସେନାପତିଙ୍କ ସମେତ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା କଳ୍ପତରୁ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାର କିଭଳି ଦରଦାମ ବୃଦ୍ଧି, ବେକାରୀ ବୃଦ୍ଧି ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି କରି ଦେଶବାସୀଙ୍କ ସହିତ ବେଇମାନୀ କରିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିବା ସହିତ ରାଜ୍ୟର ନବୀନ ସରକାର କିପରି ବେକାରୀ ସୃଷ୍ଟି କରିବା ସହିତ ମହିଳାମାନଙ୍କ ସୁରକ୍ଷାକୁ ବିପନ୍ନ କରାଇଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ରାଉରକେଲାରୁ ମ୍ୟାଲେରିଆ ଗବେଷଣା ପ୍ରତିଷ୍ଠାନ ଉଠିଯିବା, ବନ୍ଦ ହେବାକୁ ଯାଉଥିବା ବିଇଓ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ହେଉଥିବା ଉଦ୍ୟମ ସହରବାସୀଙ୍କ ସହିତ ବିଶ୍ୱାସଘାତକତା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ବୋଲି ନେତୃବୃନ୍ଦ ପ୍ରଶ୍ନ କରିଥିଲେ।

କୋଏଲ ବ୍ୟାରେଜ୍ ନ ହେବା, ସ୍ମାର୍ଟସିଟି ଟଙ୍କା ଖର୍ଚ୍ଚ ନ ହୋଇପାରିବା, ମହାନଗର ନିଗମ ନିର୍ବାଚନ ନ ହେବା, ମହାନଗର ନିଗମରେ ଲୁଟ୍‌ତରାଜ ଚାଲିବା, ସ୍ୱରେଜ୍ ପ୍ରକଳ୍ପ ନିର୍ମାଣ ନାଁରେ ହରିଲୁଟ୍ ଇତ୍ୟାଦି ବିନାଶକାରୀ କାର୍ଯ୍ୟ ରାଉରକେଲାରେ ଚାଲିଥିବା ବେଳେ ବିଧାୟକ ଓ ସାଂସଦ ନୀରବ ରହି ଏସବୁର ନୀରବ ଦର୍ଶକ ସାଜିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ତେବେ ବିକାଶ ନାଁରେ ଯେପରି ବିନାଶ ଚାଲିଛି, ଲୋକଙ୍କଠାରୁ ରୋଜଗାର ଛଡେଇ ନେଇ ଦରଦାମ୍ ହୁ ହୁ ହୋଇ ବଢାଇ ଦିଆଯାଉଛି ଏ ସବୁର ଉପଯୁକ୍ତ ଜବାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଠକଣା ଢଙ୍ଗରେ ଦେବା ପାଇଁ ନେତୃବୃନ୍ଦ ନିବେଦନ କରିଥିଲେ। ଏ ସବୁର ବିଚାର ଉଭୟ କେନ୍ଦ୍ର ଓ ବିଜେଡି ସରକାରଙ୍କୁ ରାଉରକେଲା ବାସୀଙ୍କ ଠିକଣା ଜବାବ ଦେବା ପାଇଁ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଆର୍.ପି. ସିଂହ, ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ସାଧାରଣ ସମ୍ପାଦକ ତୁଳସୀ ନାଗ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ଜିଲ୍ଲା କଂଗ୍ରେସର ଏମ୍‌ଡି ମୁର, ରତିକାନ୍ତ ମଲ୍ଲିକ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ଝୁନୁ ପଟ୍ଟନାୟକ, ମିନୁ ଛୁଆଳସିଂହ, ରୁକସାନା ବେଗମ, ରେହେମାନ ଖାନ, ଉମେଶ ବେହେରା, ଇମତିଆଜ ଖାନ, ଶେଖ ସମୀର, ଅନୀଲ ଦାସ, ବିପିନ ଠାକୁର, ମୋତିଲାଲ ସାହୁ, ମନୋଜ ବର୍ମା, ଋଷି ସାହୁ, ମୁନ୍ନା ସାହୁ, ପ୍ରତାପ ସାହୁ, ସେବାଦଳର ବୁଲୁ ଦାସ, ଜ୍ଞାନରଂଜନ କର, ଏମ୍‌ଡି ଗୁଲାବ, ଜିତେନ୍ଦ୍ର ଦାସ, କାର୍ତ୍ତିକ ବେଉରିଆ, ବସନ୍ତ ସାମଲ, ରବୀନ୍ଦ୍ର ମଲ୍ଲିକ, ଶ୍ୟାମ ସାଗର, ସରିତା ଟପ୍ପୋ, ସରିତା କୁଲ୍ଲୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି ଜାଗରଣ ଯାତ୍ରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ସିପିଆଇ ରାଜ୍ୟ ପରିଷଦ ବୈଠକରେ ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଅଭିଯାନ ଚଳାଇବାକୁ ନିଷ୍ପତ୍ତି




ଭୁବନେଶ୍ୱର (ପିଏନ୍)–ସିପିଆଇ ଜାତୀୟ ପରିଷଦର ଆହ୍ୱାନକ୍ରମେ କେନ୍ଦ୍ର ବିଜେପି ସରକାରର ବେକାରୀ, ରାଷ୍ଟ୍ରାୟତ୍ତ ସମ୍ପତ୍ତିର ବିକ୍ରି, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ଅସହିଷ୍ଣୁତା ବିରୋଧରେ ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ନଭେମ୍ବର ୨୬ରୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅଭିଯାନ ଚଳାଇବା ପାଇଁ ସିପିଆଇର ରାଜ୍ୟ ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅଭିଯାନ କାଳରେ ସମସ୍ତ ଜିଲ୍ଲା ସଦର ମହକୁମା ଓ ସହରମାନଙ୍କରେ ସଭା ଓ ଆଲୋଚନାଚକ୍ରମାନ ସଂଗଠିତ କରାଯିବ। ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅଭିଜିତ ସାହୁଙ୍କ ସଭାପତିତ୍ୱରେ ସିପିଆଇର ରାଜ୍ୟ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଡିସେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଗଣପାଣ୍ଠି ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଛି। ପରିଷଦର ଏହି ଅଧିବେଶନରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପରେ ଆଲୋଚନା କରାଯାଇ ଶାସକଦଳ ଶାସନକଳକୁ ହତିଆର କରି ଆସନ ସଂରକ୍ଷଣ ବ୍ୟବସ୍ଥାକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରିଛି ବୋଲି ମତପ୍ରକାଶ ପାଇବା ସଙ୍ଗେ ସଙ୍ଗେ ବ୍ଲକସ୍ତରୀୟ ଗଣତି ବ୍ୟବସ୍ଥାରେ ମଧ୍ୟ ଶାସନ କଳକୁ ବ୍ୟବହାର କରାଯିବାର ଆଶଙ୍କା ରହିଛି ବୋଲି କୁହାଯାଇଛି। ପରିଷଦରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବରେ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ଗଠନ କରାଯିବା, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଏବଂ ମମିତାଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି। ଆଗାମୀ ୨୦୨୨ ଅକ୍ଟୋବର ମାସରେ ପାର୍ଟିର ମହାଅଧିବେଶନ ଅନୁଷ୍ଠିତ ହେଉଥିବା ଦୃଷ୍ଟିରୁ ସେପ୍ଟେମ୍ବର ପ୍ରଥମ ଭାଗରେ ରାଜ୍ୟ ସମ୍ମିଳନୀ, ମେ ଓ ଜୁନ ମାସରେ ଜିଲ୍ଲା ସମ୍ମିଳନୀ, ଏପ୍ରିଲ ମାସରେ ଜୋନ୍ ସମ୍ମିଳନୀ ଏବଂ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଡିସେମ୍ବର ୩୧ ସୁଦ୍ଧା ଶାଖା ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକର ପ୍ରାରମ୍ଭରେ ସ୍ୱାଧୀନତା ପୂର୍ବଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଗଣସଂଗ୍ରାମକୁ ଅନୁପ୍ରାଣିତ କରିଥିବା ସଂଗୀତର ସଂକଳନ 'ଗଣ ସଂଗ୍ରାମରେ ରଣ ସଂଗୀତ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅଧିବେଶନରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ପ୍ରଶାନ୍ତ ମିଶ୍ର, ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ଦାଶ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## କେନ୍ଦ୍ରାପଡା ଗୋବରୀ କେନାଲ ବନ୍ଧ ରାସ୍ତା ଉପରେ ବଜୁରୀ ଢାଳି ରାସ୍ତା ଅବରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା କେନାଲ ବନ୍ଧ ରାସ୍ତାର ଗୋବରୀ କେନାଲ ଓଭର ବ୍ରିଜ ନିକଟରେ ରାସ୍ତା ମଝିରେ ଟ୍ରକରେ ଆସିଥିବା ବଜୁରୀ ଓ ଚିପ୍ସ ଟ୍ରିପ ଢାଳି ସେହି ରାସ୍ତାକୁ ସଂପୂର୍ଣ୍ଣ ଅବରୋଧ କରାଯାଇଛି। ଫଳରେ ସେହି ରାସ୍ତା ଦେଇ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ସାଇକେଲ ଓ ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତିତ ସେହି ରାସ୍ତାଦେଇ ୪ଚକିଆ ଓ ୩ ଚକିଆ ଯାନଗୁଡିକ ଚଳାଚଳ କରିପାରୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ସେହି ରାସ୍ତାର ମରାମତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ ଡିଭିଜନ ନଂ-୧ରୁ ଠିକା ନେଇଥିବା ସଂପୃକ୍ତ ଠିକାଦାର ଟ୍ରକରେ ଆଣିଥିବା ବଜୁରୀ ଓ ଚିପ୍ସକୁ ରାସ୍ତା ମଝିରେ ଢାଳି ଦେଇ ପଳାଇଯାଇଛି। ସଂପୃକ୍ତ ଠିକାଦାର ଜଣଙ୍କ ଏହି ସମସ୍ୟା ସମ୍ପର୍କରେ ଅବଗତ ଥାଇବି କୌଣସି ପଦକ୍ଷେପ ଗ୍ରହଣ କରିନଥିବା ବେଳେ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେବି ଅଦ୍ୟାବଧି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନଥିବା ଦେଖାଯାଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

# ଯୌତୁକ ନିର୍ଯ୍ୟାତନା ଜନିତ ମୃତ୍ୟୁ ମାମଲାରେ ଅଭିଯୁକ୍ତକୁ ୭ବର୍ଷ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): ଏକ ଯୌତୁକ ନିର୍ଯ୍ୟାତନା ଜନିତ ମୃତ୍ୟୁ ଘଟଣାର ବିଚାର କରି କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଅଭିଯୁକ୍ତକୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମର କୈଳାସ ମଳିକଙ୍କ ଝିଅ ମାମିନା ମଳିକଙ୍କର ହିନ୍ଦୁ ରୀତିନୀତି ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଟେରିପଡା ଗ୍ରାମର ସ୍ୱର୍ଗତ ଜାଗର ମଳିକଙ୍କ ପୁଅ ଉମାକାନ୍ତ ମଳିକଙ୍କ ସହିତ ଗତ ୨୦୦୬ମସିହାରେ ବିବାହ ହୋଇଥିଲା। ବିବାହ ସମୟରେ ଶଶୁର ଘର ଦାବି ମୁତାବକ ସୁନା ଅଳାଙ୍କର ସମେତ ନଗଦ ୩୦ହଜାର ଟଙ୍କା ମାମିନା ଶଶୁର ଘରକୁ ଦିଆଯାଇଥିଲା। ବାହାଘର ପରେ ସବୁ ଠିକଠାକ ଚାଲୁଥିବା ବେଳେ କିଛିଦିନ ପରେ ଶଶୁର ଘର ପକ୍ଷରୁ ଅଧିକ ୫୦ହଜାର ଟଙ୍କା ଯୌତୁକ ବାବଦକୁ ତାଙ୍କ ଘରୁ ଆଣିବାକୁ ମାମିନାକୁ ବାଧ କରାଯାଇ ତା ଉପରେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଆରମ୍ଭ ହୋଇଥିଲା। କିନ୍ତୁ ମାମିନା ଏଥିରେ ରାଜି ହୋଇନଥିଲା। ସେ କହିଥିଲା ଯେ ତା' ବାହାଘର ପାଇଁ କରାଯାଇଥିବା କରଜ ସୁଝାଯାଇ ନଥିବାରୁ ଅଧିକ ଯୌତୁକ ପାଇଁ ସେ ବାପା କିମ୍ବା ଭାଇଙ୍କୁ ବାଧ କରିପାରିବ ନାହିଁ। ଏ ନେଇ ବାରମ୍ବାର ମାମିନା ଉପରେ ନିର୍ଯ୍ୟାତନା ବଢିବାରେ ସେ ଏ ସମ୍ପର୍କରେ ବାପଘରକୁ ଜଣାଇଥିଲା। ବାପଘରୁ ଭାଇ, ଦାଦା ଓ ଅନ୍ୟ ଭଦ୍ରବ୍ୟକ୍ତିମାନେ ମାମିନାର ଶଶୁର ଘରେ ପହଞ୍ଚି ବୁଝାଶୁଝା କରି ଫେରିଥିଲେ। କିନ୍ତୁ ନିର୍ଯ୍ୟାତନାର ମାତ୍ରା ଅତ୍ୟଧିକ ହୋଇଯିବାରୁ ମାମିନା ଆଉ ସହିପାରି ନଥିଲା। ଗତ ୨୦୧୨ମସିହା ଜୁଲାଇ ମାସ ୭ତାରିଖରେ ତୁରନ୍ତ ଶାଶୁ ଘରେ ପହଞ୍ଚ ନଚେତ ତାକୁ ଜୀବନରେ ମାରିଦେବେ ବୋଲି ମାମିନା ତାର ଭାଇ ସୁନାକରକୁ ଟେଲିଫୋନ ଯୋଗେ ଜଣାଇଥିଲା। ଜରୁରୀ କାମ ଥିବାରୁ ସୁନାକର ସେଦିନ ଯାଇନପାରି ପରଦିନ ମାମିନାର ଶାଶୁ ଘର କଟେରିପଡା ଗ୍ରାମରେ ପହଞ୍ଚି ମାମିନା ମରିପଡିଥିବା ଦେଖିବାକୁ ପାଇଥିଲା। ଏ ସମ୍ପର୍କରେ ସୁନାକର ସଦର ଥାନାରେ ତା ଭଉଣୀ ମାମିନାକୁ ଶାଶୁଘର ଲୋକ ଅଧିକ ଯୌତୁକ ଦାବିରେ ମିଳିମିଶି ମାରିଦେଇଥିବା ନେଇ ଅଭିଯୋଗ କରିଥିଲା। ସେହି ଅଭିଯୋଗ ଉପରେ ସଦର ଥାନାରେ ଏକ ଯୌତୁକ ନିର୍ଯ୍ୟାତନାଜନିତ ହତ୍ୟାକାଣ୍ଡ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ପୋଲିସ ପକ୍ଷରୁ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ ହେବା ପରେ ଘଟଣାର ବିଚାର ଚାଲିଥିଲା। ଜି.ଆର. କେଶ ନମ୍ବର ୭୦୪/୨୦୧୨ ଏବଂ ଏସଟି କେଶ ନମ୍ବର- ୯୦/୨୦୧୪ରେ କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଶ୍ରୀ ବେହେରା ସେହି ମାମଲାର ବିଚାର କରି ଅଭିଯୁକ୍ତ ଉମାକାନ୍ତ ମଳିକଙ୍କ ସମେତ ଅନ୍ୟ ୫ଜଣଙ୍କୁ ଭାରତୀୟ ପିଙ୍ଗଳ କୋଡର ୩୦୪(ବି)(ଯୌତୁକଜନିତ ନିର୍ଯ୍ୟାତନା) ଦଫାରେ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ୪୯୮(ଏ)(ଯୌତୁକ ଜନିତ ମୃତ୍ୟୁ) ଦଫାରେ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସରଞ୍ଜନ ବେହେରା ମୋକଦ୍ଦମା ପରିଚାଳନା କରୁଥିଲେ।



# ମୋ ସହର



## ଶିଶୁ ହିଂସା ରୋକିବାପାଇଁ ପାଇଁ ସିଏସଓମାନଙ୍କ ସହିତ ରାଜ୍ୟସ୍ତରୀୟ ଆଲୋଚନା

ଭୁବନେଶ୍ୱର, (ପି.ଏନ): ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ହିଂସାକୁ ରୋକିବାପାଇଁ ଏଠାରେ ନେସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ ଗ୍ରୁପ ଫର ଏନଣ୍ଡିଂ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ଏନଏସିଜି ଇଭିଏସି) ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିକକ, ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଡବ୍ଲୁଭିଆଇ ଓ ବିଏମଜେଡର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସିଭିଲ୍ ସୋସାଇଟି ସଂଗଠନ ଏବଂ ହିତାଧିକାରୀଙ୍କ କର୍ମଶାଳା ଆୟୋଜିତ ହୋଇଛି ।ଏନଏସିଜି-ଇଭିଏସି ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରକାଶ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନଏସିଜି-ଇଭିଏସିର ଜାତୀୟ ଅଧକ୍ଷ ରଞ୍ଜନ ମହାନ୍ତି ମୁଖ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ସେ ଏନ୍ଏସିଜି ଇଣ୍ଡିଆର ଲକ୍ଷ୍ୟ ଏବଂ ଶିଶୁମାନଙ୍କ ପ୍ରତି ହିଂସାକୁ ବିଲୋପ କରିବା ପାଇଁ ସାଉଥ ଏସିଆନ ଇନିସିଏଟିଭ ଟୁ ଏଣ୍ଡ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ସାଇଭାକ) ସହିତ ଏହାର ସହଯୋଗ ବିଷୟରେ ସୂଚନା ଦେଇଥିଲେ । ପିଲାମାନଙ୍କର ନିରାପତା ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଦିଗରେ ପିତାମାତା ଏବଂ ବ୍ୟକ୍ତିମାନଙ୍କର କର୍ତବ୍ୟ ଏବଂ ଦାୟିତ୍ୱ ଉପରେ ସେ ନିଜର ମତ ଉପସ୍ଥାପନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସଂଧ୍ୟାବତୀ ପ୍ରଧାନ ଶିଶୁ ଯୌନ ହିଂସାର ବିଲୋପ ଓ ଆଇନର କାର୍ଯ୍ୟକାରିତା ଉପରେ ମତ ରଖିଥିଲେ । ସେ ମଧ ନଭେମ୍ବର ୧ ରୁ ଆରମ୍ଭ ହୋଇ ୧୦ ଡିସେମ୍ବରରେ ଶେଷ ହେବାକୁ ଥିବା ୪୦ ଦିନିଆ ଶିଶୁ ଅଧିକାର ଅଭିଯାନ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ସଚେତନତା ଅଭିଯାନ ମାଧମରେ ଏହାକୁ ସମର୍ଥନ କରିବାକୁ ସମସ୍ତ ସିଏସଓ ମାନଙ୍କୁ ନିବେଦନ କରିଥିଲେ ।ଅନ୍ୟମାନଙ୍କ ମଧରେ ଓଏସସିପିସିଆର ସଦସ୍ୟ ଦିବ୍ୟା ଶାଶ୍ୱତୀ, ପୂର୍ବତନ ସଦସ୍ୟ ହରିହର ନାୟକ, ଆଇନଜୀବୀ ବିଶେଶ୍ୱରୀ ମହାନ୍ତି, ଓଏସସିପିସିଆରର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର, ଓଏସସିପିଏସର ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ପକସୋ ଆଇନ ଏବଂ କିଶୋର ସୁରକ୍ଷା ଓ ଯତ୍ନ ଆଇନ, ଅନଲାଇନ୍ ନିରାପତା, ସିଏସଓଙ୍କ ଭୂମିକା, ଶିଶୁ ଅନୁକୂଳ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ୩୦ ଟି ଜିଲ୍ଲାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସିଏସଓ ଅଂଶଗ୍ରହଣ କରିଥିଲେ ଏବଂ ଶିଶୁ ଯୌନ ହିଂସାକୁ କିପରି ଦୂର କରାଯାଇପାରିବ ସେ ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ପରାମର୍ଶ ଓ ବିଚାର ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପିକକର ଧର୍ମାନନ୍ଦ ସୁନ୍ଦରରାୟ, ସତ୍ୟଜିତ ମହାପାତ୍ର ଓ ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଆଠ ଯୋଡ଼ା ସ୍ୱତନ୍ତ୍ର ଟ୍ରେନରେ ସିଜିନ ଟିକେଟ୍ ପୁନଃ ପ୍ରଚଳନ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୧୧ ଯୋଡ଼ା ଆନ୍ତଃ ଜୋନ୍ ଏକ୍ସପ୍ରେସ୍, ୦୮ ଯୋଡ଼ା ଲୋକାଲ୍ ବିଶେଷ ଟ୍ରେନ ଏବଂ ୦୫ ଯୋଡ଼ା ଅନ୍ତଃ ଜୋନ୍ ସ୍ପେଶାଲ୍ ଟ୍ରେନ୍ ସହିତ ସମୁଦାୟ ୨୪ ଯୋଡ଼ା ଟ୍ରେନ ରେ ସିଜନ୍ ଟିକେଟ୍ ସୁବିଧା ପ୍ରଚଳନ କରାଯାଇଛି ।ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନ ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବ ତଟ ରେଳପଥ ଆହୁରି ଆଠ ଯୋଡ଼ା ଟ୍ରେନରେ ମାସିକ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି । ଏହି ଟ୍ରେନ୍ ଗୁଡିକ ହେଉଛି ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସ , ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟନମ୍-ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସ ,୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ଏକ୍ସପ୍ରେସ , ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସ ,୧୮୫୨୮/୧୮୫୨୭ ବିଶାଖାପାଟନମ୍-ରାୟଗଡା-ବିଶାଖାପାଟନମ୍ ଏକ୍ସପ୍ରେସ୍ , ୧୮୪୪୩/୧୮୪୪୪ ଭୁବନେଶ୍ୱର-ପଳାସା-ଭୁବନେଶ୍ୱର ଏକ୍ସପ୍ରେସ , ୧୮୦୪୩/୧୮୦୪୪ ଭଦ୍ରକ-ହାଓଡ଼ା-ଭଦ୍ରକ ଏକ୍ସପ୍ରେସ ଏବଂ ୧୮୦୩୮/୧୮୦୩୭ ଯାଜପୁର କେନ୍ଦୁଝର ରୋଡ଼ - ଖଡ଼ଗପୁର - ଯାଜପୁର କେନ୍ଦୁଝର ରୋଡ଼ ଏକ୍ସପ୍ରେସ ।

## ୩୦ ସୁଦ୍ଧା ଗ୍ୟାସ୍ ଦର ନକମିଲେ ଜୋରଦାର ଆନ୍ଦୋଳନ : ବିଜେଡି

ଭୁବନେଶ୍ୱର,(ପି.ଏନ): ରନ୍ଧନ ଗ୍ୟାସ୍ ଦର ହ୍ରାସ କରିବାକୁ କେନ୍ଦ୍ରକୁ ନଭେମ୍ବର ୩୦ ଯାଏଁ ସମୟ ଦେଇଛି ବିଜେଡି । ୩୦ ତାରିଖ ମଧ୍ୟରେ ଗ୍ୟାସ୍ ଦର ହ୍ରାସ ନକଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ବିଜେଡି ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ ଓ ଦେବୀରଂଜନ ତ୍ରିପାଠୀ ।ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ତିନି ବିଧାୟକ କହିଛନ୍ତି ଯେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ନଭେମ୍ବର ୨୨ ରୁ ୨୪ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯାଇଛି । ରାଜ୍ୟର ୩ ଟି ଆରଡିସି ଅଂଚଳରେ ବିକ୍ଷୋଭ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିଶ୍ୱର କୌଣସି ଦେଶରେ କେବେବି ରନ୍ଧନ ଗ୍ୟାସ୍ ଦର ଏତେ ଦ୍ରୁତ ଗତିରେ ଏତେ ପରିମାଣରେ ବଢ଼ି ନାହିଁ । ୨୦୧୪ରେ ଯେତେବେଳେ ଏହି ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିଲେ ସେତେବେଳେ ଗ୍ୟାସ ସିଲିଣ୍ଡରର ଦର ଥିଲା ୪୧୪ ଟଙ୍କା । ଗତ ୭ ବର୍ଷ ଭିତରେ ଦର ଦୁଇଗୁଣରୁ ଅଧିକ ବଢ଼ି ୯୩୦ ଟଙ୍କା ଛୁଇଁଲାଣି । ରନ୍ଧନ ଗ୍ୟାସର ଏଭଳି ଅହେତୁକ ଦରବୃଦ୍ଧି କରି କେନ୍ଦ୍ର ସରକାର ଗରିବ ଓ ମଧ୍ୟବିତଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇ ସାରିଲେଣି । ଲୋକେ ତ୍ରାହି ତ୍ରାହି ଡାକିଲେଣି ଓ ଏହାର ପ୍ରତିବାଦରେ ବିଜୁ ଜନତା ଦଳର ଡାକରାରେ ରାସ୍ତାକୁ ଓହ୍ଲାଇଲେଣି । ମାତ୍ର କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁ ନାହିଁ ।ଓଲଟା ବିଜେପିର ରାଜ୍ୟ ନେତୃବୃନ୍ଦ ଉଦ୍ଭଟ ଓ ହାସ୍ୟାସ୍ପଦ ଯୁକ୍ତି ବାଂଟୁଛନ୍ତି । ଲୋକଙ୍କୁ ଭୁଆଁ ବୁଲାଇବାକୁ ଯାଇ କହୁଛନ୍ତି, ଅନ୍ତର୍ଜାତୀୟ ବଜାରରେ ପ୍ରାକୃତିକ ଗ୍ୟାସ୍ ଓ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶରେ ରନ୍ଧନ ଗ୍ୟାସ୍ ଦର ବଢ଼ୁଛି । ମାତ୍ର ବାସ୍ତବତା ଭିନ୍ନ । ଅନୁରୂପ ଭାବେ ଉଜ୍ଜ୍ୱଳା ଯୋଜନା ସଂପର୍କରେ ମଧ କେନ୍ଦ୍ର ସରକାର ଲୋକଙ୍କୁ ମିଛ ସଫଳତାର କାହାଣୀ ଶୁଣାଇ ଚାଲିଛନ୍ତି । ଏହି ପରିପ୍ରେକ୍ଷୀରେ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନର ଡାକରା ଦିଆଯାଇଥିଲା । ଚଳିତ ମାସ ୨୨, ୨୩, ୨୪ ଗତ ୩ ଦିନ ଧରି ଦଳ ପକ୍ଷରୁ ରାଜ୍ୟ ସାରା ଯେଉଁଭଳି ଭାବେ ମହିଳା, ଯୁବକ, ଛାତ୍ର ଓ ସାଧାରଣ ଜନତାଙ୍କ ପକ୍ଷରୁ ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି, ତାହା ଅଭୂତପୂର୍ବ । ଏଥିପାଇଁ ଆମେ ରାଜ୍ୟବାସୀଙ୍କୁ ପୁଣିଥରେ ଧନ୍ୟବାଦ ଜଣାଉଛୁ । ଏଥି ସହିତ କେନ୍ଦ୍ର ସରକାରକୁ ପୁଣିଥରେ ଚେତାବନୀ ଦେଉଛୁ କି ଯଦି ସରକାର ଆଗାମୀ ୩୦ ତାରିଖ ଭିତରେ ଗ୍ୟାସ୍ ଦର କମାଇବାକୁ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ।

## ଲଗାଣ ବର୍ଷା ଓ ଚକଡ଼ା ପୋକରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯାଉ : କିଷାନ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ରବି ଚାଷ ସମୟରେ ଖରିଫ୍ ଧାନ ସଂଗ୍ରହ ବେଳେ ବିଭିନ୍ନ ଜିଲ୍ଲାରେ ଅଦିନିଆ ଲଗାଣ ବର୍ଷା ଓ ଚକଡ଼ା ପୋକ ଦ୍ୱାରା ବ୍ୟାପକ ଫସଲ ହାନି ଘଟିଛି । ସେହିପରି ଖରିଫ୍ ଋତୁରେ ୩୫ ଲକ୍ଷ ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ବେଳେ ପ୍ରଥମେ ଅଭାବୀ ବର୍ଷା ଓ ପରବର୍ତୀ ସମୟରେ ଅଧିକ ବର୍ଷା ଯୋଗୁଁ ଧାନ ସହିତ ବହୁଳ ଭାବରେ ପନିପରିବା ଚାଷ ଉଜୁଡ଼ି ଯାଇଛି । ଏଭଳି ସଙ୍ଗୀନ ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାର ବାସ୍ତବ କ୍ଷେତ୍ରରେ ସହାୟତା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି । ସେହିପରି ଚକଡ଼ା ପୋକଦ୍ୱାରା ଫସଲ ହାନୀ ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ସରକାର ଏହାର ପ୍ରତିକାର କରିବା ପରିବର୍ତେ ନିଧଡ଼କ ହୋଇ ବସିଛନ୍ତି । ଚାଷ ପାଇଁ କୃଷି, ଉଦ୍ୟାନ, ଜଳସେଚନ ଓ ସମବାୟ ବିଭାଗ ପକ୍ଷରୁ ସେଭଳି ଆନ୍ତରିକତା ଦେଖାଯାଉ ନାହିଁ । ଚାଷୀ ଋଣ ଭାରରେ ଛନ୍ଦି ହୋଇ ପଡ଼ିଛି । ଏପରି ସ୍ଥଳେ ସମସ୍ତ ଚାଷୀଙ୍କଠାରୁ ଋଣ ଛାଡ଼ କରିବା ଜରୁରୀ ।

## ଓଡ଼ିଶା-୫୦ ଉଦ୍‌ଘାଟିତ : ନାରୀ ସଶକ୍ତିକରଣରେ ଓଡ଼ିଶାର ପ୍ରୟାସ ପ୍ରଶଂସନୀୟ : ରାଜ୍ୟପାଳ

ଭୁବନେଶ୍ୱର, (ପି.ଏନ): ସୃଷ୍ଟିର ଆଧାର ହେଉଛି ନାରୀଶକ୍ତି । ନାରୀଶକ୍ତିର ସଫଳ ଉପଯୋଗ ଓ ପ୍ରୟୋଗରେ ଅଛି ପ୍ରଗତିର ସୂତ୍ର । ଯେଉଁ ସମାଜ ନାରୀଶକ୍ତିକୁ ଅବହେଳା କରିଛି, ନକାରାତ୍ମକ ଫଳ ଭୋଗିଛି । ଭାରତୀୟ ଐତିହ୍ୟ ଓ ପରମ୍ପରାରେ ନାରୀକୁ ସର୍ବୋଚ୍ଚ ଆସନ ଦିଆଯାଇଛି । ସୁଖର କଥା, ସଂପ୍ରତି ନାରୀ ସଶକ୍ତିକରଣ ପାଇଁ ଓଡ଼ିଶାରେ ପ୍ରଶଂସନୀୟ ପ୍ରୟାସ ହେଉଛି ଏବଂ ଏହାର ବ୍ୟାପକ ପ୍ରଭାବ ସବୁସ୍ତରରେ ଅନୁଭୂତ ହେଉଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ଭୁବନେଶ୍ୱରରେ ଫିକି, ମିଶନ ଶକ୍ତି ଓ 'ସମ୍ବାଦ' ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଶା-୫୦' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଲାଲ କହିଲେ ଯେ ପରମ୍ପରା ସହ ଆଧୁନିକ ଜ୍ଞାନକୌଶଳର ସମନ୍ୱୟ ଆଜିର ଆବଶ୍ୟକତା । ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ନେଇପାରିବେ । ଏଥି ନିମନ୍ତେ ଅନୁକୂଳ ପରିବେଶ ଏକାନ୍ତ ଜରୁରୀ । ଏପରି ପ୍ରୟାସ ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଏବଂ ମହିଳା ସଶକ୍ତିକରଣ ଓ ମହିଳା ଔଦ୍ୟୋଗିକତା କ୍ଷେତ୍ରରେ ଏହା ଉତ୍ପ୍ରେରକ ଭୂମିକା ନେବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି । ବିଧାୟକ ତଥା 'ସମ୍ବାଦ' ଗ୍ରୁପ୍ ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରୟାସ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ପ୍ରକାଶ କରିବା ସହ ସଂପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । 'ସମ୍ବାଦ' ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଫିକି ଓଡ଼ିଶାର ଅଧକ୍ଷ ମୋନିକା ନାୟାର ପଟ୍ଟନାୟକ ଓଡ଼ିଶା-୫୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ଉତ୍ସବରେ ରାଜ୍ୟପାଳ ୩୩ ଜଣ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ 'ଶାରଦା ସୀମା ସମ୍ମାନ' ପ୍ରଦାନ କରିଥିଲେ । ଏହି ଅବସରରେ ଏକ କଫି ଟେବୁଲ୍ ବୁକ୍ 'ଓଡ଼ିଶା-୫୦' ମଧ ଉନ୍ମୋଚିତ ହୋଇଥିଲା ।

## ସହରାଂଚଳ-ଜଙ୍ଗଲର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ସୁସ୍ଥ ଓ ବିକଶିତ ଜୀବନ ପାଇଁ ସହରାଂଚଳ-ଜଙ୍ଗଲର ପ୍ରତିଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିଚାଳନା ପରିଷଦ ବୈଠକରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୋର୍ଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ବୋର୍ଡର ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭିନ୍ନ ଶିଳ୍ପାଂଚଳ ଓ ସହରରେ ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ-ବାୟୁ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ସହରାଂଚଳ-ଜଙ୍ଗଲ ସ୍ୱଚ୍ଛ ବାୟୁ, ଭୂତଳ ଜଳସ୍ତର ଏବଂ ସୁସ୍ଥ ଜୀବନ ଧାରଣ ନିମନ୍ତେ ବହୁଭାବେ ସହାୟକ ହୋଇଥାଏ । ଭୁବନେଶ୍ୱରରେ ଥିବା ଭରତପୁର ଅଭୟାରଣ୍ୟ, ଏକାମ୍ର କାନନ, ଜୟଦେବ ବାଟିକା ଏବଂ ଚନ୍ଦକା ଜଙ୍ଗଲ ରେଞ୍ଜ ଭୁବନେଶ୍ୱର ସହର ପାଇଁ ବରଦାନ ସଦୃଶ । ହୀରାକୁଦ ଜଳଭଣ୍ଡାର ନିକଟରେ ଥିବା ଆଲୁମିନିୟମ୍ ପ୍ଲାଂଟରୁ ନିର୍ଗତ ଫ୍ଲୋରାଇଡ୍ ଯେପରି ଜଳଭଣ୍ଡାର ମଧ୍ୟକୁ ନଯାଏ ତାହା ଉପରେ ସତର୍କ ଦୃଷ୍ଟିରଖିବା ପାଇଁ ମଧ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହି ଶିଳ୍ପ ମାନଙ୍କରୁ ନିର୍ଗମିତ ଫ୍ଲୋରାଇଡର ବୈଜ୍ଞାନିକ ବିଘଟନ ସଂପୃକ୍ତ ଶିଳ୍ପସଂସ୍ଥାର ପରିସର ମଧ୍ୟରେ ନିଶ୍ଚିତ କରାଇବା ପାଇଁ କହିଥିଲେ । ଫ୍ଲୋରାଇଡ୍ ବିଘଟନ ପ୍ରକ୍ରିୟାରେ ଯେପରି ଭୂତଳ ଜଳ ସଂକ୍ରମିତ ନହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ଶ୍ରୀ ମହାପାତ୍ର ଶିଳ୍ପ ସଂସ୍ଥା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏକାମ୍ର କ୍ଷେତ୍ରରେ ସ୍ୱଚ୍ଛ-ବାୟୁ ଯୋଜନା ଏବଂ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଚଳମାନଙ୍କରେ ପରିବେଶ ପରିମାପକ ଜିଓ ଡାଟାବେସ୍ ପ୍ରସ୍ତୁତି ସମ୍ବନ୍ଧିତ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା । ଏକାମ୍ର କ୍ଷେତ୍ର ସ୍ୱଚ୍ଛ-ବାୟୁ କାର୍ଯ୍ୟଯୋଜନାରେ ସର୍ବନିମ୍ନ ନିର୍ଗମନ ଜୋନ୍ (ଲେସ୍ ଏମିସନ୍ ଜୋନ୍) ପଦ୍ଧତି ପ୍ରୟୋଗ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଭୁବନେଶ୍ୱର ମହାନଗର ନିଗମ, ପ୍ରଦୂଷଣ ବୋର୍ଡ, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କୁ ସକ୍ରିୟଭାବେ ସାମିଲ୍ କରାଇ ଏହି ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ସହଭାଗୀ-ଭିତିକ ଓ ଲକ୍ଷଭେଦୀ କରାଇବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବୋର୍ଡର ସଦସ୍ୟ ସଚିବ ଡଃ ମୁରୁଗେସାନ୍ ଜଣାଇଥିଲେ ଯେ ତାଳଚେର ସହର ପାଇଁ ପ୍ରାକୃତିକ ପରିବେଶ ମାପକ ଜିଓ-ଡାଟାବେସ୍ ପ୍ରସ୍ତୁତ କରିଛି । ଏହି ବ୍ୟବସ୍ଥାକୁ ଶିଘ୍ର ରାଉରକେଲା, କେନ୍ଦୁଝର, ବାଲେଶ୍ୱର, କଳିଙ୍ଗନଗର ଓ ଅନୁଗୁଳ ଶିଳ୍ପାଂଚଳମାନଙ୍କରେ ପ୍ରୟୋଗ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ତ୍ୱରିତ ନିଷ୍ପତି ଏବଂ କାର୍ଯ୍ୟାନ୍ୱୟନ ନିମନ୍ତେ ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କୁ ଅଧିକ କ୍ଷମତା ବିକେନ୍ଦ୍ରୀକରଣ ପ୍ରସ୍ତାବ ମଧ ବୈଠକରେ ଅନୁମୋଦିତ ହୋଇଥିଲା । ପରିବେଶ ନିର୍ଦ୍ଦେଶକ ସୁକାନ୍ତ ନନ୍ଦ, ବ୍ୟଏଲର ଏବଂ ଫ୍ୟାକ୍ଟ୍ରିଜ ନିର୍ଦ୍ଦେଶକ ଡଃ ଏନ୍. ଥିରୁମାଲା ନାୟକ, ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ ଡଃ କେ. ମୁରୁଗେସାନ୍, ବିଶେଷଜ୍ଞ ସଦସ୍ୟ ଡଃ ଅଜିତ୍ ପଟ୍ଟନାୟକ, ପ୍ରଫେସର ଅତନୁ ପତି, ଡଃ ଜି.କେ. ରାୟଙ୍କ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପ୍ରତିଦିନ ଭୁବନେଶ୍ୱରରୁ ସିଧାସଳଖ ଦୁବାଇ ପର୍ଯ୍ୟନ୍ତ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବିଭିନ୍ନ ଅଂଚଳରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଓଡିଆ ଲୋକ ବସବାସ କରୁଛନ୍ତି । ଭୁବନେଶ୍ୱରରୁ ଦୁବାଇ ଏବଂ ଦୁବାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ବିମାନସେବା ପାଇଁ ଦୀର୍ଘ ଦିନ ଧରି ଦାବୀ ହୋଇ ଆସୁଛି । ଦୁଇ ସହର ମଧ୍ୟରେ ସିଧାସଳଖ ବିମାନସେବା ଆରମ୍ଭ ହେଲେ ଓଡିଆ ଲୋକଙ୍କ ପାଇଁ ଅନ୍ତରାଷ୍ଟ୍ରୀୟ ଯାତାୟତର ଦ୍ୱାର ଫିଟିବ । ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡିଆ ଲୋକ ମାନଙ୍କର ନିଜ ରାଜ୍ୟକୁ ଆସିବା ପାଇଁ ଯୋଗାଯୋଗ ସୁଗମ ହେବ । ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ପୂର୍ବୋଦୟ ଯୋଜନାରେ ପୂର୍ବ ଭାରତରେ ଓଡିଶା ବିକାଶର ପେଣ୍ଠସ୍ଥଳୀ ଭାବରେ ଆଗକୁ ବଢୁଛି । କେନ୍ଦ୍ର ରାଜଧାନୀ ଭୁବନେଶ୍ୱର ସହ ସିଧାସିଧା ଅନ୍ତରାଷ୍ଟ୍ରୀୟ ବିମାନ ଯୋଗାଯୋଗ ପୂର୍ବ ଭାରତର ବିକାଶର ସମ୍ଭାବନାକୁ ଆହୁରି ଶକ୍ତିଶାଳୀ କରିବ । ଦୁଇ ସହର ମଧ୍ୟରେ ବିମାନ ଚଳାଚଳ ହେବା ଦ୍ୱାରା କଳାତ୍ମକ, ହସ୍ତତନ୍ତ ଓ କୃଷି ଆଧାରିତ ସାମଗ୍ରୀ ବ୍ୟବସାୟ ଦ୍ୱାରା ରାଜ୍ୟର ଅର୍ଥନୀତି ଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ଼୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

## କରୋନାରୁ ସୁସ୍ଥ ହେଲେ ୨୫୫

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ୨୪ ଘଂଟାରେ ଆଉ ୨୫୫ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୮୬୪ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୮ ଜଣ ଓ ମୟୂରଭଂଜ ଜିଲ୍ଲାରୁ ୨୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । କଟକରୁ ୨୦, ବାଲେଶ୍ୱରରୁ ୧୦, ସୁନ୍ଦରଗଡ଼ରୁ ୮, ଜଗତସିଂହପୁର, ପୁରୀରୁ ୭-୭, ଯାଜପୁର, ସମ୍ବଲପୁରରୁ ୬-୬, କେନ୍ଦ୍ରାପଡ଼ାରୁ ୪, ଭଦ୍ରକ ଓ ନୟାଗଡ଼ରୁ ୩-୩, ଅନୁଗୁଳ, ଗଂଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ରୁ ୨ଜଣ ଲେଖାଏଁ, ଦେବଗଡ଼ରୁ ଜଣେ ଓ ରାଜ୍ୟପୁଲରୁ

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ । କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ । ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ । ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କ□ାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା ।

## ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।






# ବଡ଼ଚଣା କଂଗ୍ରେସ ପକ୍ଷରୁ ଜନ ଜାଗରଣ ସମାବେଶ



ଚଣ୍ଡିଖୋଲ,(ପି.ଏନ୍): ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଆଜି ଚଣ୍ଡିଖୋଲ ଛକ ଠାରେ ଏକ ବିଶାଳ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣାର କଂଗ୍ରେସର ଯୁବନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଦର ବୃଦ୍ଧି, ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜ୍ୟରେ ଚାଲିଥିବା ଦୁର୍ନିତୀ ବିରୁଧରେ ପ୍ରତିବାଦ କରି ଏଠାରେ ଏକ ଜନ ଜାଗରଣ ସଭା ହୋଇଅଛି। ସଭାରେ ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ମିଡ଼ିଆ ସେଲର ଆବାହକ ସତ୍ୟ ପ୍ରକାଶ ନାୟକ, ପ୍ରଦେଶ କଂଗ୍ରେସ ଓବିସି ସେଲର ଅଧ୍ୟକ୍ଷ ଜ୍ଞାନଦେବ ବେହୁରା, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଯାଜପୁର ଜିଲା ପ୍ରଭାରୀ ରଜତ୍ ଚୌଧୁରୀ, ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଓ୍ୱାସିର ନଓ୍ୱାଜ୍, ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର, ପିସିସି ସଂପାଦକ ମନୋଜ ବିଶ୍ୱାଳ, ଯାଜପୁର ଜିଲା କଂଗ୍ରେସ ସାଧାରଣ ସଂପାଦକ ସଂଗ୍ରାମ ଜେନା, ରାଜ୍ୟ ପ୍ରଦେଶ କଂଗ୍ରେସ ପ୍ରାକ୍ତନ ସାଧାରଣ ସଂପାଦକ ପ୍ରକାଶ ମିଶ୍ର, ରାଜ୍ୟ ଯୁବ କଂଗ୍ରେସ ସଂପାଦକ ସୁଦିପ୍ ସାମଲ, ରାଜ୍ୟ କଂଗ୍ରେସ ନେତା ନିହାର ରଂଜନ ବେହେରା ଓ ଜିଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଶ୍ରୀକାନ୍ତ ମଲିକ୍ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା କଂଗ୍ରେସ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଏକ ପଟୁଆରରେ ଅଣାଯାଇ ସଭା ମଂଚ ପାଖରେ ପଂହଚାଯାଇଥିଲା। ଜନ ଜାଗରଣ ସମାବେଶକୁ ସଂଚାଳନ କରିଥିଲେ କୁଳମଣି ସ୍ୱାଇଁ। କେନ୍ଦ୍ରରେ ବିଜେପି ସରକାର ଓ ରାଜ୍ୟରେ ବିଜେଡ଼ି ସରକାର ଆଜି ପର୍ଯ୍ୟନ୍ତ ଚାଲୁଥିଲେ ହେଁ ଯୁବକମାନଙ୍କୁ ଚାକିରୀ ନଦେଇ ପାରି ବିଭିନ୍ନ କର୍ମଚାରୀଙ୍କୁ ଛଟେଇ କରଛନ୍ତି। ନବୀନ ବାବୁଙ୍କ ଦୀର୍ଘ ୨୧ ବର୍ଷ ଶାସନରେ କହିଥିଲେ, ମା'ଙ୍କୁ ସମ୍ମାନ ଓ ଗାଁକୁ କାମ କିନ୍ତୁ ଆଜି ଦେଖିବାକୁ ମିଳୁଛି ମହିଳା ଛାତ୍ରୀମାନଙ୍କୁ ନିର୍ଯ୍ୟାତନା ଦିଆଯାଇ ହତ୍ୟା ମଧ୍ୟ କରାଯାଉଛି। ରାଜ୍ୟରେ ପରି, ବେବିନା, ଇତିଶ୍ରୀ କୁମାରୀମାନଙ୍କୁ ଯେଉଁଭଳି ଭାବରେ ହତ୍ୟା କରାଯାଇଛି ଓ ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲେ ହେଁ ତାହାର ଆଜି ପର୍ଯ୍ୟନ୍ତ ତଦନ୍ତ ନକରାଯାଇ ଦୋଷୀ ସାବ୍ୟସ୍ତ ମଧ୍ୟ କରାଯାଇ ପାରିଲା ନାହିଁ। ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପରେ ଯାଜପୁର ଏସ.ପି. ଏହାର ତଦନ୍ତ ନକରି ଶ୍ରୀମତୀ ବିଶ୍ୱାଳଙ୍କ ଚରିତ୍ରକୁ ସଂଘାର କରିଥିଲେ। ମାହାଙ୍ଗାରେ ଯେଉଁ ଡ଼ବଲ ମର୍ଡ଼ର ଘଟିଥିଲେ ହେଁ ସଂପୃକ୍ତ ଦୋଷୀ ମାହାଙ୍ଗାର ବିଧାୟକ ପ୍ରତାପ ଜେନା ଓ ମମିତା ମେହେରେ ହତ୍ୟାକାଣ୍ଡରେ ଜଡ଼ିତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବିରୁଦ୍ଧରେ ରାଜ୍ୟ ପ୍ରଶାସନ ଆଜି ପର୍ଯ୍ୟନ୍ତ କିଛି ବି କରିପାରୁ ନାହିଁ। ବର୍ତମାନ ମୁଖ୍ୟମନ୍ତ୍ରୀ ତ୍ରିସ୍ତରୀୟ ନିର୍ବାଚନକୁ ଆଖି ଆଗରେ ରଖି ସ୍ମାର୍ଟ କାର୍ଡ଼ ବଂଟନ ନାମରେ ପ୍ରଚାର କରୁଛନ୍ତି। ସ୍କୁଲର ଗୃହ ନିର୍ମାଣ, ଡ଼ାକ୍ତରଖାନା ଗୃହ ନିର୍ମାଣରେ ଅର୍ଥ ବ୍ୟୟ କରୁଛନ୍ତି ସତ କିନ୍ତୁ ଡ଼ାକ୍ତରଖାନାରେ ଡ଼ାକ୍ତର ନାହାଁନ୍ତି ଏ ସଂପର୍କରେ ମୁଖ୍ୟମନ୍ତ୍ରୀ କୌଣସି ସ୍ଥାନକୁ ଉଦଘାଟନ ଉତ୍ସବରେ ନଯାଇ ଭିଡ଼ିଓ କନ୍‌ଫେରେସିଂରେ ଉଦଘାଟନ କରୁଛନ୍ତି। ରାଜ୍ୟରେ ଏକ ମାୟାବୀ ସରକାର ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ ଆଜି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ, ଦର ଦାମ ଆଜି ହୁ-ହୁ ଭାବରେ ବଢ଼ି ଚାଲିଛି, ପେଟ୍ରୋଲ୍-ଡ଼ିଜେଲ୍ ଓ ଇନ୍ଧନ ଗ୍ୟାସ୍ ଦରକୁ କେନ୍ଦ୍ର ସରକାର ବଢ଼ାଇ ଚାଲିଛନ୍ତି। ଗ୍ରାମର ସାଧାରଣ ଲୋକ ଯେଉଁ ମାନେ ଗୃହକୁ ବିଦ୍ୟୁତ୍ ସଂଯୋଗ କରିଛନ୍ତି ତାଙ୍କର ବିଲ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। ନବିନ ପଟ୍ଟନାୟକ ବିଦ୍ୟୁତ୍ ବିଭାଗକୁ ଟାଟା କମ୍ପାନୀକୁ ଦେଇଥିବାରୁ ଟାଟା କମ୍ପାନୀ ତା ନିଜ ଇଚ୍ଛା ଅନୁସାରେ ବିଦ୍ୟୁତ୍ ବଢ଼ାଇ ଚାଲିଛି। ଜଣାପଡ଼େ ଲୁଟେରାର୍ ହେଉଛନ୍ତି ନିଜେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦି ୨୦୧୪ ମସିହାରେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ, ସରକାର ଆସିଲେ ଆମେ ବର୍ଷୟକୁ ୨ କୋଟି ଓ ମୁଖ୍ୟମନ୍ତ୍ରୀ କହିଲେ ବର୍ଷକୁ ୨ ଲକ୍ଷ ବେକାରୀମାନଙ୍କୁ ନିଯୁକ୍ତି ଦେବେ କିନ୍ତୁ ଆଜି ପର୍ଯ୍ୟନ୍ତ ଜଣକୁ ମଧ୍ୟ ସେ ନିଯୁକ୍ତି ଦେଇ ନାହାଁନ୍ତି। ବଡ଼ଚଣାର ବିଧାୟକ ନନା ବଡ଼ଚଣାରେ ବିକାଶ କରି ନାହାଁନ୍ତି ଅଧିକନ୍ତୁ ନିଜର ଦଳୀୟ କର୍ମୀମାନଙ୍କୁ ଧରି କାମ ନାମରେ ଅର୍ଥ ହରିଲୁଟ୍ କରୁଛନ୍ତି। ଚାଷୀମାନଙ୍କର ସମସ୍ୟାକୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ବୁଝିବା ପାଇଁ ଚେଷ୍ଟା କରୁନାହାଁନ୍ତି ଅଧିକନ୍ତୁ କେନ୍ଦ୍ର ସରକାର ସହିତ ସାଲିସ୍ କରି ଶାସନ ଚଳାଉଛନ୍ତି। ଏଭଳି ଅବସ୍ଥାରେ ଜନ ଜାଗରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ବଡ଼ଚଣାରେ କଂଗ୍ରେସ ସଂଗଠନ ସୁଦୃଢ଼ ଅବସ୍ଥାରେ ରହିଥିଲା। ଆଜି କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବଡ଼ଚଣା କଂଗ୍ରେସର ଯୁବନେତା ରାଜ ନାରାୟଣ ମହାପାତ୍ର ନେତୃତ୍ୱ ନେଉଛନ୍ତି। ଶ୍ରୀ ମହାପାତ୍ରଙ୍କ ନେତୃତ୍ୱକୁ ସୁଦୃଢ଼ କରିବା ସହିତ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଡ଼ଚଣା ପଂଚାୟତ ସମିତିକୁ ଅଧିକ ସଂଖ୍ୟକ ସରପଂଚ, ସମିତି ସଭ୍ୟ, ସଭ୍ୟାମାନଙ୍କୁ ସମସ୍ତ କଂଗ୍ରେସ କର୍ମୀ ଜିତାଇବା ପାଇଁ ପ୍ରଚେଷ୍ଟା ଜାରୀ ରଖନ୍ତୁ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ସମାବେଶରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ମାନ ଭଞ୍ଜନ ରାଉତରାୟ, ସେକ୍ କରାମତ୍ ଅଲ୍ଲୀ, ଖଗେଶ୍ୱର ଜେନା, ଶରତ ଚନ୍ଦ୍ର ଜେନା, ମାନ ଗୋବିନ୍ଦ ଦାସ, ଯୁବ କଂଗ୍ରେସ ନେତା ପ୍ରଦୀପ୍ ମହାନ୍ତି, ଅଶୋକ ସାମଲ, ଜୟ ପ୍ରକାଶ ବିଶ୍ୱାଳ, ଧର୍ମରାଜ ମହାନ୍ତି, ପ୍ରାକ୍ତନ ସରପଂଚ ଶ୍ରୀଚରଣ ମଲିକ୍, ବରଦା ପ୍ରସନ୍ନ ରାୟ, ରାକେଶ ବାରିକ୍ ପ୍ରମୁଖ ସଭା ଆରମ୍ଭରୁ ଉଦବୋଧନ ଦେଇଥିଲେ। ବିଜେଡ଼ି ଓ ବିଜେପି ଦଳର କର୍ମୀ ନିକୁଞ୍ଜ ବିଶ୍ୱାଳ, ନୃସିଂହ ବିଶ୍ୱାଳ, ବିକାଶ ମଲିକ୍, ଟିକିନି ପ୍ରଧାନ, ଦିଲିପ୍ ପ୍ରଧାନ, କିଶୋର ପରିଡ଼ା, ବାବୁଲି ମଲିକ୍, ବିଚିତ୍ର ମଲିକ୍ ପ୍ରମୁଖ ତାଙ୍କ ଦଳ ପରିତ୍ୟାଗ କରି ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସରେ ସାମିଲ ହୋଇଥିଲେ।

# ଶିଶୁଙ୍କୁ ହିଂସା ଓ ଶୋଷଣରୁ ରକ୍ଷା ପାଇଁ ସମନ୍ୱୟ ଓ ସହଯୋଗ ଜରୁରୀ





ଭୁବନେଶ୍ୱର : ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାର ହିଂସା ଓ ଯୌନ ଶୋଷଣକୁ ରୋକିବାପାଇଁ ସବୁ ସ୍ତରରେ ସମନ୍ୱୟ ଓ ସହଯୋଗ ଆବଶ୍ୟକ। ସରକାରୀ ଓ ବେସରକାରୀ ସଂସ୍ଥା ସହିତ ସାମାଜିକ ସଂଗଠନଗୁଡିକ ଏ କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନଦେଇଛନ୍ତି ରାଜ୍ୟ ମହିଳା କମିଶନର ଅଧକ୍ଷା ଡାକ୍ତର ମିନତି ବେହେରା। ଶିଶୁ ଯୌନ ଶୋଷଣ ମହାମାରୀ ଭଳି ବ୍ୟାପୁଥିବାବେଳେ ଏହାରନିରାକରଣ ଲାଗି ଉଭୟ ବାପ ମା' ଓ ଶିଶୁମାନଙ୍କୁ ସଚେତନ କରିବାଲାଗି ସେ ପରାମର୍ଶ ଦେଇଛନ୍ତି।ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ହିଂସା ଓ ଯୌନ ଶୋଷଣକୁ ରୋକିବାପାଇଁ ଏଠାରେ ନେସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ ଗ୍ରୁ ଫରଏନଣ୍ଡିଂ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ଏନଏସିଜି ଇଭିଏସି) ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲଚରାଲ ସେଣ୍ଟର (ପିକକ), ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଓପନ ଲର୍ଣ୍ଣିଂ ସିଷ୍ଟମ ଏବଂ ଡବ୍ଲ୍ୟୁଭିଆଇ ଓ ବିଏମ୍‌ଜେଡ଼୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତଦିନିକିଆ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ବେହେରା ଏହା କହିଛନ୍ତି। ସେ କହିଛନ୍ତି ଯେ ମହିଳା କମିଶନମହିଳାମାନଙ୍କ ସମସ୍ୟାର ସମାଧାନ ସହିତ ଶିଶୁଙ୍କ ସମସ୍ୟାରେ ମଧ୍ୟ ହସ୍ତକ୍ଷେପ କରିପାରିବେ। ହେଲେ ବର୍ତ୍ତମାନ ଶୋଷଣର ଶିକାରହେଉଥିବା ମହିଳା କିମ୍ବା ଶିଶୁମାନେ ଆଇନ୍ ଅଦାଲତ ଝାମେଲାରେ ପଶିବାକୁ ଚାହୁଁନଥିବାରୁ କମିଶନ ସେମାନଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ସଂଧ୍ୟାବତୀ ପ୍ରଧାନ କହିଥିଲେ ଯେ ଶିଶୁମାନଙ୍କୁ ସୁରକ୍ଷା ଦେବାପାଇଁ ଆମ ଭିତରେ ମାନସିକତା ସୃଷ୍ଟିହେବା ଦରକାର। ସମାଜରେ ଧର୍ଷଣ ସହିତ ପ୍ରମାଣ ନଷ୍ଟପାଇଁ ଧର୍ଷିତାଙ୍କୁହତ୍ୟା ଭଳି ଜଘନ୍ୟ କାଣ୍ଡ ଘଟୁଛି। ଏହାର ନିରାକରଣ ପାଇଁ ପିଲାଙ୍କ ଠାରୁ ଅଭିଭାବକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚେତନ କରିବାକୁ ପଡିବ।ଶିଶୁଙ୍କ ସୁରକ୍ଷାପାଇଁ ଗ୍ରାମ ଓ ପଞ୍ଚାୟତ ସ୍ତରରୁ କମିଟି ଗଠନ ପାଇଁ ଅଧକ୍ଷା ଶ୍ରୀମତୀ ପ୍ରଧାନ ମତ ଦେଇଥିଲେ। ରାଜ୍ୟ ଶିଶୁ ସୁରକ୍ଷାଆୟୋଗର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର କହିଥିଲେ ଯେ ପିଲାଙ୍କ ପ୍ରତିଭାକୁ ଶକ୍ତିରେ ପରିଣତ କରିବା ସମସ୍ତଙ୍କର ଦାୟିତ୍ୱ। ସହଯୋଗ-ସହଭାଗିତା-ସମନ୍ୱୟ ନରହିଲେ ଏତେବଡ ଆହ୍ୱାନକୁ ମୁକାବିଲା କରିବା କଷ୍ଟକର ହେବ। ତେଣୁ ତଳ ସ୍ତରରୁ ସମନ୍ୱୟ ରକ୍ଷାଉପରେ ସେ ଗୁରୁତ୍ୱ ଦେଇଥିଲେ। ଏନ୍‌ଏସିଜି-ଇଭିଏସି ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରକାଶ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନ୍‌ଏସିଜି-ଇଭିଏସିର ଜାତୀୟ ଅଧ୍ୟକ୍ଷରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଅନ୍‌ଲାଇନ୍ ଶିଶୁ ଶୋଷଣ ମାମଲା ଗତ ୨ବର୍ଷରେ ୪ଶହ ପ୍ରତିଶତ ବୃଦ୍ଧି ପାଇଛି। ଏହାକୁ ପ୍ରତିହତ ପାଇଁ ସବୁ ସ୍ତରରେ ସରକାରୀ-ବେସରକାରୀ-ସିଭିଲ ସୋସାଇଟି ମଧ୍ୟରେସମନ୍ୱୟ ରକ୍ଷା ଆବଶ୍ୟକ। ନିକଟରେ ଅନୁଷ୍ଠିତ ଶିଶୁ ସମ୍ମିଳନୀରେ ପାରିତ ପ୍ରସ୍ତାବ ସଂକ୍ରାନ୍ତରେ ଶିଶୁ ପ୍ରତିନିଧି ଶ୍ରଦ୍ଧାଞ୍ଜଳି ଖଟାଇ ସୂଚନାଦେଇଥିଲେ। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡିଶାର ଶ୍ରୀ ପ୍ରମୋଦ ଆଚାର୍ଯ୍ୟ, ଓଏସ୍‌ସିପିସିଆର ସଦସ୍ୟସୁଶ୍ରୀ ଦିବ୍ୟା ଶାଶ୍ୱତୀ, ପୂର୍ବତନ ସଦସ୍ୟ ଶ୍ରୀ ହରିହର ନାୟକ, ଆଇନ୍‌ଜୀବୀ ଶ୍ରୀମତୀ ବିଶେଶ୍ୱରୀ ମହାନ୍ତି, ଓଏସ୍‌ସିଏସ୍‌ର ରାଜ୍ୟ ପ୍ରୋଗ୍ରାମମ୍ୟାନେଜର ଶ୍ରୀ ପ୍ରୀତିକାନ୍ତ ପଣ୍ଡା, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି, ରାଜ୍ୟ ମହିଳା କମିଶନର ସଦସ୍ୟା ଶ୍ରୀମତୀସ୍ନେହାଞ୍ଜଳି ମହାନ୍ତି, ମହିଳା ଓ ଶିଶୁ ବିକାଶ ବିକାଗର ବରିଷ୍ଠ କନସଲଟାଣ୍ଟ ଶ୍ରୀମତୀ ମଧୁସ୍ମିତା ଦାସ ପ୍ରମୁଖ ପକ୍‌ସୋ ଆଇନ ଏବଂ କିଶୋର ସୁରକ୍ଷା ଓ ଯତ୍ନ ଆଇନ, ଅନଲାଇନ୍ ନିରାପତ୍ତା ଏବଂ ଶିଶୁ ଅନୁକୂଳ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଆଜିର ଏହିକାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧି, ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।ଡବ୍ଲୁଭିଆଇର ବୀରେନ କୁମାର ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିକକ୍‌ର ଧର୍ମାନନ୍ଦ ସୁନ୍ଦରରାୟ, ସତ୍ୟଜିତମହାପାତ୍ର ଓ ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଧର୍ମପରାୟଣା ମହିଳା ସରସ୍ୱତୀ ବାରିକ୍ (୧୦୯)ଙ୍କ ବିୟୋଗରେ ଶୋକସଭା

ଚଣ୍ଡିଖୋଲ, (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଶାସନ ପୁରୁଷୋତମପୁର ଗ୍ରାମର ବୈଜେଷ୍ଠା ମହିଳା ସରସ୍ୱତୀ ବାରିକଙ୍କର ବିୟୋଗ ଘଟିଛି। ଆଜି ଦିବା ୧୦ ଘଟିକା ସମୟରେ ପଲ୍ଲୀଶ୍ରୀ ଯୁବ ସାଂସଦ ଗୃହଠାରେ ଏକ ଶୋକ ସଭା ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ କନକଲତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗୀୟା ବାରିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେ ଜଣେ ପରୋପକାରୀ, କର୍ତବ୍ୟନିଷ୍ଠା ଓ ଧର୍ମ ପରାୟଣା ମହିଳାଭାବେ ପରିଚିତ ଥିଲେ। ସେ ବଡ଼ଚଣା, ଧର୍ମଶାଳା, ରସୁଲପୁର, ମାହାଙ୍ଗା ବ୍ଲକ୍ ର ହିନ୍ଦୁ ସଂସ୍କୃତିର ସଂପାଦିକା ଥିଲେ। ଏଥିରେ ରେଳ ବିଭାଗର ଡ଼େପୁଟି ଚିଫ୍ ଇଂଜିନିୟର୍ ଅମ୍ବିକା ପ୍ରସାଦ ବାରିକ୍, ଖୋର୍ଦ୍ଧା ଜିଲାର ଅତିରିକ୍ତ ଉପ-ଜିଲାପାଳ ରଶ୍ମିତାରାଣୀ ତରାସିଆ, ଶିକ୍ଷୟିତ୍ରୀ ନିରୁପମା ବାରିକ୍, ପ୍ରାକ୍ତନ ସରପଂଚ ନିଳକଣ୍ଠ ମିଶ୍ର, ସମିତି ସଭ୍ୟ ରବିନ୍ଦ୍ର ନାଥ ଦାସ, ସରପଂଚ ଭାଗ୍ୟଧର ପ୍ରଧାନ, ଶିକ୍ଷୟିତ୍ରୀ ଚପଳା ଦେବୀ, ମନୋରମା ସାହୁ, ଅଧ୍ୟାପିକା ପିନାକିନୀ ପ୍ରଧାନ, ରବି ପ୍ରସନ୍ନ ବାରିକ୍, ଇଂ ଭବାନୀ ପ୍ରସାଦ ବାରିକ୍, ପ୍ରଧାନ ଶିକ୍ଷୟିତ୍ରୀ ସବିତା ବାରିକ, ଅଧ୍ୟାପିତା କବିତା ବାରିକ୍, ଚିର ରଂଜନ ବାରିକ୍, ଦେବାଷିଶ୍ ବାରିକ୍ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ସ୍ମୃତି ଚାରଣ କରିଥିଲେ।

# ଅସଂଗଠିତ ଶ୍ରମିକମାନଙ୍କ ପାଇଁ ଅନ୍ୟୁନ୍ୟ ୫୦ ହଜାର କୋଟି ଟଙ୍କା କେନ୍ଦ୍ର ବଜେଟ କରିବା ପାଇଁ ଡଃ ଖୁଣ୍ଟିଆଙ୍କ ଦାବୀ

ଭୁବନେଶ୍ୱର,(ପି.ଏନ) : ଅସଂଗଠିତ ଶ୍ରମିକଙ୍କ ସାମାଜିକତ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଚଳିତ ବଜେଟରେ ଅନ୍ୟୁନ୍ୟ ୫୦ ହଜାର କୋଟି ଟଙ୍କା ଅନୁଦାନ ଦେବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଡଃ ଖୁଂଟିଆ ଦାବୀ କରିଛନ୍ତି। ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ସରକାର ଅସଂଗଠିତ ଶ୍ରମିକଙ୍କ ପାଇଁ କରାଯାଇଥିବା ଇ-ଶ୍ରମିକ ପୋର୍ଟାଲ ଦ୍ୱାରା ସମସ୍ତ ଅସଂଗଠିତ ଶ୍ରମିକ ଗଣନା କରିବାକୁ ସକ୍ଷମ ହେବେ ନାହିଁ ବୋଲି ଆଜି National Social Security Association virtual ଆଲୋଚନାରେ ଭାଗ ନେଇ ଡଃ ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଆୟୋଜିତ ଜାତୀୟ ଭରଚ୍ୟୁଆଲ ବୈଠକରେ ଆଲୋଚନାରେ ଭାଗନେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ଶାଖା ସଭାପତି, ପ୍ରାକ୍ତନ ସାଂସଦ




ତଥା ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ ଶ୍ରମିକ ମହାସଂଘର ପ୍ରବାସୀ ଶ୍ରମିକ କମିଟିର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ତା. ୨୬/୧୧/୨୦୨୧ ପର୍ଯ୍ୟନ୍ତ ଏହି ଇ-ଶ୍ରମିକ ପୋର୍ଟାଲ ମାଧ୍ୟମରେ ଦେଶରେ ୯ କୋଟି ୫୮ ଲକ୍ଷ ଶ୍ରମିକ ରେଜିଷ୍ଟ୍ରିଭୁକ୍ତ ହୋଇଛନ୍ତି। ଏହି ପୋର୍ଟାଲରେ ହିନ୍ଦି ଓ ଇଂରାଜିରେ ଭାଷା ପ୍ରୟୋଗ ହେଉଥିଲାବେଳେ ଫର୍ମ ଇଂରାଜୀରେ ଅଛି। ଏହି ରେଜିଷ୍ଟ୍ରେସନ ତ୍ୱରାନ୍ୱିତ କରିବା ପାଇଁ ଆଂଚଳିକ ଭାଷାରେ ଫର୍ମ କରିବା, ଅନ୍ ଲାଇନ୍ ସହିତ ଅଫଲାଇନ ରେଜିଷ୍ଟ୍ରେସନ କରିବା, ଗ୍ରାମାଂଚଳରେ ପ୍ରତ୍ୟେକ ପଂଚାୟତରେ ଓ ସହରାଂଚଳରେ ପ୍ରତ୍ୟେକ ୱାର୍ଡ଼ରେ ସରକାରଙ୍କ ତତ୍ୱାବଧାନରେ ପୂର୍ବରୁ ପ୍ରଚାର କରି କ୍ୟାମ୍ପ କରିବା, ଶ୍ରମିକ ସଂଗଠନ ଗୁଡ଼ିକୁ ରେଜିଷ୍ଟ୍ରେସନରେ ସଂପୃକ୍ତ କରିବା ଓ ପ୍ରଚାର ପ୍ରଶିକ୍ଷଣ ପାଇଁ ଶ୍ରମିକ ସଂଗଠନ ଓ ବେସରକାରୀ ସଂଗଠନକୁ ସହାୟତା କରିବା, ଅସଂଗଠିତ ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ବଜେଟରେ ପୂର୍ଣ୍ଣ ବ୍ୟବସ୍ଥା କରିବା, ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ନିରାପତ୍ତାକୁ ଦେବା ପାଇଁ ଶ୍ରମିକ ମାନଙ୍କର ଅଧିକାର ପାଇଁ ଆଇନ ପ୍ରଣୟନ କରିବା ଓ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରମିକ ମାନଙ୍କ ପ୍ରତିନିଧିମାନଙ୍କୁ ନେଇ ରାଜ୍ୟ ଓ ଜିଲ୍ଲା ସ୍ତରରେ ମନିଟରିଙ୍ଗ କମିଟି ଗଠନ କରିବା ପାଇଁ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଦାବୀ କରିଛନ୍ତି। ସାରା ଦେଶରେ କାର୍ଯ୍ୟକରୁଥିବା ୫୨ କୋଟି ଶ୍ରମିକ ମାନଙ୍କ ମଧ୍ୟରୁ ୯ କୋଟି ୫୮ ଲକ୍ଷ ରେଜିଷ୍ଟ୍ରିଭୁକ୍ତ ହୋଇଛନ୍ତି। କିନ୍ତୁ ଏହି ସାମାଜିକ ସୁରକ୍ଷା ଆଇନରେ ଅସଂଗଠିତ ଶ୍ରମିକମାନଙ୍କୁ ସୁବିଧା ମିଳିବା ପାଇଁ ଆର୍ଥିକ ବ୍ୟବସ୍ଥା ନଥିବାରୁ ସରକାରଙ୍କ ଘୋଷଣା ବିଶ୍ୱାସ ଯୋଗ୍ୟ ହେଉନାହିଁ। ସମସ୍ତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବା ପାଇଁ ବର୍ଷକୁ ୧ ଲକ୍ଷ ୫୦ କୋଟି ଟଙ୍କାରୁ ଅଧିକ ଟଙ୍କା ଆବଶ୍ୟକୀୟ ହୋଇପାରେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray